
ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 13 | 26 March - 01 April 2023 | Sambalpur | Page- 8 | Invitation Price Rs.10

# ନୃସିଂହ ଗୁରୁ ଜଣେ ପରମ ବୈଷ୍ଣବ ଥିଲେ: ମହନ୍ତ ଅଦ୍ୱୈତ ଦାସ









## 'ପଶ୍ଚିମ ଓଡିଶାର ଗାନ୍ଧୀ'ଙ୍କ ୧୨୧ତମ ଜୟନ୍ତୀ

ସମ୍ବଲପୁର : ନୃସିଂହ ଗୁରୁ ଜଣେ ପରମ ବୈଷ୍ଣବ ଓ କର୍ତ୍ତବ୍ୟପରାୟଣ ବ୍ୟକ୍ତି ଥିଲେ। ନିଃସ୍ୱାର୍ଥ ସେବା ହିଁ ତାଙ୍କର ଧର୍ମ ଥିଲା ବୋଲି କଣ୍ଟାବାଞ୍ଜି ସ୍ଥିତ ଶ୍ରୀ ରାଧାମାଧବ ମନ୍ଦିରର ମହନ୍ତ ଶ୍ରୀ ଅଦ୍ୱୈତ ଚରଣ ଦାସ କହିଛନ୍ତି।

'ପଶ୍ଚିମ ଓଡିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ନୃସିହ ଗୁରୁଙ୍କ ୧୨୧ତମ ଜୟନ୍ତୀ ଅବସରରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇ ମହନ୍ତ ଶ୍ରୀ ଦାସ 'ମାନବ ଜନ୍ମର ଲାଭ' ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି କହିଥିଲେ ଯେ, ଭଗବତ ଚିନ୍ତନ ହିଁ ମଣିଷକୁ ସୁମାର୍ଗରେ ପରିଚାଳିତ କରେ। ଆଜି ଯେଉଁମାନେ ଅଧାତ୍ମମାର୍ଗରୁ ବିଚ୍ୟୁତ ହୋଇ ବିଷୟାସକ୍ତ ଜୀବନ ବଞ୍ଚୁଛନ୍ତି ସେମାନଙ୍କ ଜୀବନ ନିରର୍ଥକ ବୋଲି ସେ ମତବ୍ୟକ୍ତ କରିଥିଲେ। ପୁଣ୍ୟାତ୍ମା ନୃସିଂହ ଗୁରୁ ମହାତ୍ମା ଗାନ୍ଧୀଙ୍କ ଭଳି ପରୋପକାରକୁ ଆପଣାର ଶ୍ରେଷ୍ଠ ଧର୍ମ ତଥା 'ସତ୍ୟ ହିଁ ଈଶ୍ୱର'କୁ ହୃଦୟଙ୍ଗମ କରିଥିଲେ ବୋଲି ସେ କହିଥିଲେ।

ମୁଖ୍ୟ ଅତିଥି ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ନୃସିଂହ ଗୁରୁଙ୍କୁ ଜଣେ ମହାପୁରୁଷ ଭାବେ ଅଭିହିତ କରି ସ୍ୱର୍ଗତ ଗୁରୁଙ୍କ ନେତୃତ୍ୱାଧୀନ ଖଦୀ ଆନ୍ଦୋଳନରେ ଝାରସୁଗୁଡା ଜିଲ୍ଲା ଲଇକେରା ଅଞ୍ଚଳର ଅଘରିଆ ସମାଜର ଲୋକଙ୍କ ଯୋଗ ଦାନ ସମ୍ପର୍କରେ ସୂଚନା ଦେଇଥିଲେ।

ମୁଖ୍ୟବକ୍ତା ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ କହିଥିଲେ ଯେ, ସ୍ୱର୍ଗୀୟ ନୃସିଂହ ଗୁରୁ ଜଣେ ନିଷ୍ଠାପର ସାମ୍ବାଦିକ, ମହାନ୍ ସମାଜ ସଂସ୍କାରକ, ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଜଣେ ମହାନ୍ ବ୍ୟକ୍ତି, ଯେ ସାରା ଜୀବନ ଏକ ସରଳ ଅଥଚ ପ୍ରଭାବଶାଳୀ ତଥା ପ୍ରେରଣାପଦ ଜୀବନ ବଞ୍ଚି ଥିଲେ। ସ୍ୱର୍ଗତ ଗୁରୁଙ୍କ ଛାତ୍ର ଜୀବନ, ସଂଗ୍ରାମମୟ ଜୀବନ ଏବଂ କର୍ମମୟ ଜୀବନ ବର୍ତ୍ତମାନ ସମାଜ ପାଇଁ ପ୍ରକୃତରେ ଅତ୍ୟନ୍ତ ପ୍ରାସଙ୍ଗିକ। ତାଙ୍କର ସାମ୍ବାଦିକତା ଆଜିର ସାମ୍ବାଦିକ ମାନଙ୍କ ପାଇଁ ଆଦର୍ଶ ହୋଇ ପାରିଲେ ବର୍ତ୍ତମାନର ସମାଜ ବହୁ ଭାବରେ ଉପକୃତ ହୋଇପାରିବ। ସମ୍ବଲପୁରରେ ପ୍ରତିଷ୍ଠିତ



ହରିଜନ ଛାତ୍ରବାସର ଅନ୍ତେବାସୀମାନଙ୍କୁ ନିଜ ଘରେ ଅନୁଷ୍ଠିତ ଶ୍ରାଦ୍ଧାଦି କାର୍ଯ୍ୟରେ ଭୋଜନ ପାଇଁ ବ୍ୟବସ୍ଥା କରିବା ତାଙ୍କର ସମାଜ ସଂସ୍କାର ମନୋଭାବର ବଡ଼ ପରିଚୟ ବୋଲି ସେ ମତ ରଖିଥିଲେ।

ସମ୍ମାନିତ ଅତିଥି ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ନୃସିଂହ ଗୁରୁଙ୍କ ସାମ୍ବାଦିକତା ଓ ବର୍ତ୍ତମାନର ସାମ୍ବାଦିକତା ଏକ ତୁଳନାତ୍ମକ ବିବରଣୀ ଦେଇ ତାଙ୍କୁ ଜଣେ ଆଦର୍ଶ ସାମ୍ବାଦିକ ରୂପେ ବର୍ଣ୍ଣନା କରିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରି ନୃସିଂହ ଗୁରୁଙ୍କ ଜୀବନ ଏବଂ ଆଦର୍ଶ ଉପରେ ଆଲୋକପାତ କରିଥିଲେ।

ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ନୃସିଂହ ଗୁରୁ ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ତ୍ତିକ ପ୍ରସାଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ସଭାରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ଏଲ୍.ଆର ଲ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗିରିଜା ଶଙ୍କର ଶର୍ମା, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ମିନକେତନ ପାଠୀ, ପ୍ରଫେସର ଜୟନ୍ତ କର ଶର୍ମା, ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର, ପ୍ରାଧାପକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଏନଏସସିବି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ନିଳେନ୍ଦ୍ରୀ ପଣ୍ଡା, ପ୍ରାଧାପିକା ଶ୍ରୀଲତା ମିଶ୍ର, ଛନ୍ଦା ମିଶ୍ର, ଇଞ୍ଜିନିୟର ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଡାକ୍ତର ସୁରେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ସିଆଇ ଗିରିଧାରୀ ହୋତା, ବିଶିଷ୍ଟ ସଂଚାର ଗାୟକ ଦୁଃଖନାଶନ ବେହେରା, ଗୁରୁ ମୋତିଲାଲ ଦୋରା, ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା, ଅଚ୍ୟୁତାନନ୍ଦ ତ୍ରିପାଠୀ, ରାମେଶ୍ୱର ପାଢ଼ୀ, ସରୋଜ କୁମାର ମହାପାତ୍ର ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ।

ପୂର୍ବାହ୍ନରେ ଦଳମତ ନିର୍ବିଶେଷରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ମନ୍ଦଲିଆ ସ୍ଥିତ ନୃସିଂହ ଗୁରୁ ପାର୍କରେ ପହଞ୍ଚି ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ପୂର୍ବତନ ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଗୋଲକ ବିହାରୀ ମିଶ୍ର, କାର୍ତ୍ତିକ ପ୍ରସାଦ ବହିଦାର, ରାଜେନ୍ଦ୍ର ସତନାମୀ, ଦିଲ୍ଲୀପ ପୃଷ୍ଟି, ସରୋଜ ମହାପାତ୍ର, କବି ଗଦାଧର ନିଆଳ, ରାଧାମୋହନ ପଣ୍ଡା, ଅଶୋକ ପଟେଲ, ଅମଳେନ୍ଦୁ ନାୟକ, ସୁବୋଧ ରାଉତ, ବିଜେଡି ନେତ୍ରୀ ପଦ୍ମାଳୟା ପଟ୍ଟନାୟକ, ସ୍ନିଗ୍ଧାଶ୍ରୀ ବହିଦାର, ନେତ୍ରମଣି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।







## ଏ ସଂଖ୍ୟାରେ..


ଇନ୍‌ଫେକ୍‌ଶନ୍‌ରୁ ରକ୍ଷାକରେ ଅମୃତଭଣ୍ଡା


ପିଆଜ ନିୟନ୍ତ୍ରଣ କରିବ ଥାଇରଏଡ୍!


ବଡ଼ ଉପକାରୀ ସୈନ୍ଧବ ଲବଣ


ଧଳା ଜହର ଲୁଣ


ସୌନ୍ଦର୍ଯ୍ୟ ବଢ଼ାଇବ ଭୃସୁଙ୍ଗ ପତ୍ର


ଦେବଦାରୁ ବୃକ୍ଷର ଉପକାରିତା

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି ଶିବିର

ବିଜେପୁର: ବିଜେପୁର ବ୍ଲକ ସ୍ଥିତ ସଭାଗୃହ ଠାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)କୁ ନେଇ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଜେପୁର ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଡ଼ିଓ ସରୋଜ ବିଶ୍ୱାଳ, ଜିଲ୍ଲା ସାମାଜିକ ସମିକ୍ଷକ ଆନନ୍ଦ ପ୍ରଧାନ ଯୋଗଦାନ ପୂର୍ବକ ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ବିଭିନ୍ନ ଗ୍ରାମପଞ୍ଚାୟତର ଲୋକେ ଆସିଥିବା ବିଭିନ୍ନ ସମସ୍ୟା ଉପରେ ଏହି ଶିବିର ରେ ଆଲୋଚନା ଏବଂ ତା'ର ସମାଧାନ ଦିଗରେ ବିଡ଼ିଓ ଶ୍ରୀ ବିଶ୍ୱାଳ ଏବଂ ଅଧ୍ୟକ୍ଷ ଶ୍ରୀ ସାହୁ ଅତିଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଶିବିରରେ ପଞ୍ଚାୟତ ସମିତି ଅଧିନରେ ଯାଉଥିବା ଯୋଖିପାଲି ଗ୍ରା.ପ ସରପଞ୍ଚ ସବିତା ସାହୁ,ବଡବାଉଁସେନ ଗ୍ରା.ପ ସରପଞ୍ଚ ପଙ୍କଜିନୀ ମହାନନ୍ଦ, ବଡବ୍ରାହ୍ମଣୀ ଗ୍ରା.ପ ସରପଞ୍ଚ ସଞ୍ଜୟ ସିଂ ଗଡତିୟା, ବୈରଖପାଲି ଗ୍ରା.ପ ସରପଞ୍ଚ ଜାହ୍ନବୀ ସାହୁ, ବରମୁଣ୍ଡା ଗ୍ରା.ପ ସରପଞ୍ଚ ସୁମନ୍ତ ବଗର୍ତ୍ତି, ବେନିଆଚାଲ ଗ୍ରା.ପ ସରପଞ୍ଚ ସୁବାଷ ଡନସନା, ଭଟିଗାଁ ଗ୍ରା.ପ ସରପଞ୍ଚ ଦେବକୀ ମେହେର, ବୁଡାପାଲି ଗ୍ରା.ପ ସରପଞ୍ଚ ସୁଜାତା ସାହୁ, ଚାରପାଲି ଗ୍ରା.ପ ସରପଞ୍ଚ ସୁଷମା ସାହୁ, ଗଣ୍ଡିଆପାଲି ଗ୍ରା.ପ ସରପଞ୍ଚ ରବି ଚରଣ ସାହୁ,ଜାଗିଂ ଗ୍ରା.ପ ସରପଞ୍ଚ ପ୍ରଭାସିନୀ ବିଭାର, ଖରମୁଣ୍ଡା ଗ୍ରା.ପ ସରପଞ୍ଚ ମନୋଜ ପଧାନ, ଲାଉମୁଣ୍ଡା ଗ୍ରା.ପ ସରପଞ୍ଚ ସୁରେନ୍ଦ୍ର ବେରିଆ, ଏମ.ସିର୍ଗିଡା ଗ୍ରା.ପ ସରପଞ୍ଚ ରୀନା ମେହେର, ପଡା ଗ୍ରାମପଞ୍ଚାୟତ ସରପଞ୍ଚ ଶୋଭା ମେହେର, ପହଣ୍ଡି ଗ୍ରାମପଞ୍ଚାୟତ ସରପଞ୍ଚ ନବିନ ମହାନନ୍ଦ, ପଥର୍ଲା ଗ୍ରା.ପ ସରପଞ୍ଚ ରାଜକିଶୋର ମିଶ୍ର, ସାଇପାଲି ଗ୍ରା.ପ ସରପଞ୍ଚ ସଞ୍ଜିତା ଡନସନା, ସମଲେଇପଦର ଗ୍ରା.ପ ସରପଞ୍ଚ ଜୟସିଂ ନାଏକ, ସାନବାଉଁସେନ ଗ୍ରା.ପ ସରପଞ୍ଚ ସୁଦାମ ବାରିକ, ସୁରୁବାଲି ଗ୍ରା.ପ ସରପଞ୍ଚ ବିଳାସିନୀ ଖମାରୀ, ଟି.ଗଣ୍ଡପାଲି ଗ୍ରା.ପ ସରପଞ୍ଚ ଦିଲ୍ଲିପ ଦୀପ, ତାଲପଦର ଗ୍ରା.ପ ସରପଞ୍ଚ କାମିନୀ ପଧାନ ଓସମସ୍ତ ଗ୍ରାମପଞ୍ଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଉକ୍ତ ଶିବିରରେ ଉପସ୍ଥିତ ଥିଲେ । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ୨୨ ଗୋଟି ଅଭିଯୋଗ ହିତାଧିକାରୀ ମାନେ ଅଭିଯୋଗ କରିଥିଲେ ବୋଲି ଜିଲ୍ଲା ସାମାଜିକ ସମୀକ୍ଷକ ଶ୍ରୀ ପଧାନ କହିଛନ୍ତି ।

# ମାଁ ସମଲେଶ୍ୱରୀ ମନ୍ଦିର ରେ ବାସନ୍ତିକ ନବରାତ୍ର ପୂଜା ଆରମ୍ଭ

ବିଜେପୁର: ବିଜେପୁର ମାଁସମଲେଶ୍ୱରୀ ପୀଠରେ ମାଁ ସମଲେଶ୍ୱରୀ ଙ୍କ ବାସନ୍ତିକ ନବରାତ୍ର ପୂଜାମହୋତ୍ସବ ଆରମ୍ଭ ହୋଇଯାଇଛି । ଗତ ମଙ୍ଗଳବାର ସଂଧ୍ୟା ସମୟରେ ଘଣ୍ଟଶଙ୍ଖ,ଦୁଲଦୁଲି ବାଜାର ତାଳେତାଳେ ସ୍ଥାନୀୟ ଦାମୋଦର ପୋଖରୀରୁ ବିଲ୍ୱବରଣ, ଖଣ୍ଡାଧୂଆ ଓ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ମନ୍ଦିରରେ କଳସ ସ୍ଥାପନ କରାଯାଇଥିଲା । ବୁଧବାର ମାଁ ଶୈଳପୁତ୍ରୀଙ୍କର ପୂଜାଅର୍ଚ୍ଚନା ସହିତ ଚଣ୍ଡୀପାଠ ଓ ଚଣ୍ଡିହୋମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ରାଜପୁରୋହିତ ଶ୍ରୀମାନ କିଶୋର ଚନ୍ଦ୍ର ପୂଜାରୀ, ସହଯୋଗୀ ପୁରୋହିତ ମନ୍ଟୁସାବତ, ରାଧେଶ୍ୟାମ ମିଶ୍ର ଙ୍କ ତତ୍ତ୍ୱାବଧାନରେ ରୀତିନୀତି ଅନୁସାରେ ମାଁ ସମଲେଶ୍ୱରୀ ଙ୍କୁ ଶୈଳପୁତ୍ରୀ ବେଶରେ ସୁବର୍ଣ୍ଣ ଓ ରୌପ୍ୟରେ ସୁସଜ୍ଜିତ କରାଯାଇ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା । କର୍ତ୍ତା ଭାବେ ଯୁଧିଷ୍ଠିର ମେହେର(ଦାରାକ୍ଷେ) ଏବଂ ତାଙ୍କ ଧର୍ମପତ୍ନୀ ପ୍ରଭାସିନୀ ମେହେର ଦାୟିତ୍ୱ ତୁଲାଇଥିଲେ । ମନ୍ଦିର କମିଟିର ସକ୍ରିୟ ସଦସ୍ୟ ତୁଳସିରାମ ଭୋଇ, ମନୋଜ ପଣ୍ଡା, ପାଣ୍ଡବ ପଧାନ ପ୍ରମୁଖ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି ।

# ଏବିଭିପି ସମ୍ବଲପୁର ତରଫରୁ ଏକ ମଶାଲ ଶୋଭାଯାତ୍ରା

ସମ୍ବଲପୁର: ବଳିଦାନ ଦିବସ ଅବସରରେ ଏବିଭିପି ତରଫରୁ ଏକ ମଶାଲ ଶୋଭାଯାତ୍ରା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗେଟ ସମ୍ମୁଖରୁ ବାହାରି ଲକ୍ଷ୍ମୀ ଟକିଜ୍ ଛକ ଦେଇ ଗୋଲ ବଜାର ଛକରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସହ ସମ୍ପାଦକ ଶ୍ୟାମ ଶର୍ମା, ରାଜ୍ୟ ସହ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ବିହାରୀ ପଣ୍ଡା, ନଗର ଉପସଭାପତି ଶୁଭମ ତ୍ରିପାଠୀ, ଜିଲ୍ଲା ସହ ସଂଯୋଜକ ଯଶ୍ୱର୍ଦ୍ଧନ ତିୱାରୀ, ଶୋଭାଶିଷ ସରକାର ସହ ଏବିଭିପିର ପ୍ରମୁଖ କାର୍ଯ୍ୟକର୍ତ୍ତା ଅମନ ପ୍ରତୀକ ଦାଶ, ଓମପ୍ରକାଶ ପ୍ରଧାନ, ଗୌରବ ଶତପଥୀ, ପ୍ରିତିଶ କର, ସ୍ୱାଧୀନ କୁମାର ଆଚାର୍ଯ୍ୟ, ନଗେନ ରାଉତ, ଓମସିପ ପଣ୍ଡା, ଆୟୁଷି ଦୁବେ,ପ୍ରିୟାଂଶୁ ମେହେର, ନୀତିଶ ପାଣିଗ୍ରାହୀ, ସ୍ୱାଧୀନ ମେହେର, ରୋଶନ ପଟେଲ, ପୂର୍ଣ୍ଣନନ୍ଦ ମାଝୀ, ଜିତେନ୍ଦ୍ର ଭୋଇ ଗଣେଶ ବାରିକ, ସୀତାକାନ୍ତ ସେଠି, କୁଞ୍ଜ ବିହାରୀ ସାଙ୍ଗ, ସୁନିତା ହୋତା, ସୁଦର୍ଶନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

# ସାମ୍ବାଦିକତାର ଭବିଷ୍ୟତ, ମାର୍ଚ୍ଚ ୨୦୨୩

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ସା**ମ୍ବାଦିକତା କ୍ଷେତ୍ରରେ ଦୂରଦୃଷ୍ଟି ସୁଦୂର ଭବିଷ୍ୟତକୁ ସଂପ୍ରସାରିତ ହୋଇ ପାରେନା । ପଞ୍ଚଦଶ ଶତାବ୍ଦୀ ମଧଭାଗରେ ମୁଦ୍ରଣ ଯନ୍ତ୍ର ଉଦ୍ଭାବନର ଶହେ, ଦେଢ଼ ଶହ ବର୍ଷ ପରେ ପାଶ୍ଚାତ୍ୟ ଭୂଖଣ୍ଡରେ ବିକଶିତ ମୁଦ୍ରଣ ସାମ୍ବାଦିକତା ବିଂଶ ଶତାବ୍ଦୀ ପ୍ରଥମ ପାଦରେ ସିନେମା ଓ ରେଡ଼ିଓ, ଦ୍ୱିତୀୟ ପାଦରେ ଟେଲିଭିଜନ, ତୃତୀୟ ପାଦରେ ଇଣ୍ଟରନେଟର ଅଭ୍ୟୁଦୟରେ ଆନ୍ତର୍ଜାତିକ ଗଣମାଧ୍ୟମ ପରିବେଶରେ ସହବସ୍ଥାନ କରି ଆସିଥିଲା । କିନ୍ତୁ ମାର୍ସାଲ ମାକଲୁହାନଙ୍କ 'ମିଡ଼ିଆ କୋ-ଏଗଜିଷ୍ଟସ' ତତ୍ତ୍ୱ ଏକବିଂଶ ଶତାବ୍ଦୀରେ ସ୍ମାର୍ଟଫୋନର ପ୍ରସାରରେ ସୃଷ୍ଟ ସୋସିଆଲ ମିଡ଼ିଆ ମୁଦ୍ରଣ, ରେଡ଼ିଓ, ଟେଲିଭିଜନ, ସିନେମା ଓ ଇଣ୍ଟରନେଟ ସମସ୍ତ ମଞ୍ଚରେ ବ୍ୟାପକ ବିଘଟନର କାରଣ ପାଲଟିଲା । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ଶେଷରେ ସଂଘଟିତ କୋଭିଡ଼-୧୯ ମହାମାରୀ-ପର ଅବସ୍ଥାରେ ସାମ୍ବାଦିକତାର ପାରମ୍ପରିକ ଆଙ୍ଗିକରେ ପରିବର୍ତ୍ତନ ତୃତୀୟ ଦଶକ ଶେଷ ସୁଦ୍ଧା ଗଣମାଧ୍ୟମର ସ୍ୱରୂପ ଆକଳନ କଷ୍ଟକର ବୋଧ ହୋଇଥାଏ ।

ପ୍ରଥମତଃ, ଗଣମାଧ୍ୟମ ଓ ମନୋରଞ୍ଜନ ମୋବାଇଲ-କେନ୍ଦ୍ରୀକ ହେବା ପରେ ସାଧାରଣ ନାଗରିକ ଦୈନିକ ପାଞ୍ଚରୁ ଦଶ ଘଣ୍ଟା ଯାଏଁ ମୋବାଇଲ ପର୍ଦ୍ଦାରେ ଉପସ୍ଥିତ ରହିବା, କ୍ଷଣିକ ଭିତ୍ତିରେ ବିଭିନ୍ନ ଉପକ୍ରମ ସଂପର୍କରେ ଅବଗତ ହେବା ଏବଂ ନିଜ ରୁଚି, ବିଶ୍ୱାସ, ସଂପ୍ରଦାୟ ମଧ୍ୟରେ ଆବଦ୍ଧ ରହିବା ଗଣମାଧ୍ୟମର ସାର୍ବଜନୀନ ମୂଲ୍ୟବୋଧରେ କୁଠାରାଘାତ କରିଛି । ପ୍ରତ୍ୟେକ ମନୁଷ୍ୟ ମାନସିକସ୍ତରରେ ଏକ ସ୍ୱତନ୍ତ୍ର ଦ୍ୱୀପର ଅଧିବାସୀ ପାଲଟିଛନ୍ତି । ଫଳରେ ଉପଭୋକ୍ତାଙ୍କ ସାର୍ବଜନୀନ ମଞ୍ଚ ଗୁଡ଼ିକରେ ଆହରଣ ଶୈଳୀଗତ ପରିବର୍ତ୍ତନ ପାରମ୍ପରିକ ମୂଲ୍ୟବୋଧର ବିରୁଦ୍ଧାଚରଣ କରୁଛି । ଦ୍ୱିତୀୟତଃ, ସୋସିଆଲ ମିଡ଼ିଆରେ 'ନାଗରିକ ସାମ୍ବାଦିକତା' ପ୍ରସାର ପରେ ବୃତ୍ତିଗତ ସାମ୍ବାଦିକତା ନୂତନ ସମୀକରଣର ସମ୍ମୁଖୀନ ହୋଇଛି । ପ୍ରତିଷ୍ଠିତ ସାମ୍ବାଦିକମାନେ ବିଭିନ୍ନ କାରଣରୁ ଗଣମାଧ୍ୟମ ଅନୁଷ୍ଠାନ ପରିତ୍ୟାଗ କରି ସ୍ୱାଧୀନ ଭାବେ ପାଠ୍ୟ, ଶ୍ରାବ୍ୟ ଓ ଭିଡ଼ିଓ ମାଧ୍ୟମରେ ଅନୁଗତ ପାଠକ, ଶ୍ରୋତା ଓ ଦର୍ଶକଙ୍କ ନିକଟରେ ପହଞ୍ଚି ପାରୁଛନ୍ତି । ତୃତୀୟତଃ, ଗଣମାଧ୍ୟମ ମଞ୍ଚର ମାଲିକାନା କ୍ରମଶଃ ବୃହତ ଶିଳ୍ପପତି ଓ ନିବେଶ ସଂସ୍ଥାଗୁଡ଼ିକ ହାତକୁ ଚାଲିଯିବାପରେ ସାମ୍ବାଦିକତାର ନୈତିକ ମୂଲ୍ୟବୋଧରେ ବ୍ୟାପକ ଅବକ୍ଷୟ ଘଟୁଛି । ଅବସ୍ଥା ଏପରି ସ୍ତରରେ ପହଞ୍ଚିଛି ଯେ ଉପଭୋକ୍ତାଙ୍କ ସମ୍ବାଦ ବିମୁଖ ଆଚରଣ ସାମ୍ବାଦିକତାର ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀରୂପେ ଦଣ୍ଡାୟମାନ ହୋଇଛି । ମାର୍ଚ୍ଚ ୨୦୨୩ରେ ସାମ୍ବାଦିକତାର ଭବିଷ୍ୟତ ସଂପର୍କରେ ଆଲୋଚନା ଉଦ୍ଦେଶ୍ୟରେ ଏହି ରଚନାରେ ଆନ୍ତର୍ଜାତିକ ସ୍ତରରେ ସାମ୍ବାଦିକଙ୍କ ଆଭିମୁଖ୍ୟ ଆକଳନ କରିବା ନିମନ୍ତେ ଏକ ସର୍ବେକ୍ଷଣରେ ସଂଗୃହୀତ ତଥ୍ୟ ଏବଂ ଭେନେଜୁଆଲାରେ ମୁଦ୍ରଣ ଓ ଟେଲିଭିଜନ ସମ୍ବାଦ ମଞ୍ଚ ପରିଚାଳନାରେ ଆର୍ଥିକ ଦୁରବସ୍ଥା ତଥା ସ୍ୱେଚ୍ଛାଚାରୀ ପ୍ରଶାସନଜନିତ କଟକଣାରୁ ବର୍ତ୍ତିବା ନିମନ୍ତେ ଡ଼ିଜିଟାଲ ମଞ୍ଚକୁ ଅପସାରଣ ଧାରା ବିଶ୍ଳେଷଣକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଯୁକ୍ତରାଷ୍ଟ୍ର ଆମେରିକାର 'ମକ ରେକ' ନାମକ ଏକ ଗଣମାଧ୍ୟମ ଓ ଲୋକସଂପର୍କ ଗବେଷଣା ତଥା ତାଲିମ ପ୍ରତିଷ୍ଠାନ ପକ୍ଷରୁ 'ଷ୍ଟେଟ ଅଫ ଜର୍ଣ୍ଣାଲିଜମ ୨୦୨୩' ଶୀର୍ଷକ ଏକ ବାର୍ଷିକ ବିବରଣୀ ମାର୍ଚ୍ଚ ୨୦୨୩ରେ ପ୍ରକାଶ ପାଇଥିଲା । ମୋଟ ୧୫ ଗୋଟି ସାମ୍ବାଦିକ ସଂଗଠନର ସହାୟତାରେ ୨,୨୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକତା ବୃତ୍ତିଧାରୀଙ୍କଠାରୁ ସଂଗୃହୀତ ତଥ୍ୟ ବିଶ୍ଳେଷଣ କରାଯାଇଥିଲା । ଜାନୁୟାରୀ ପହିଲା ୨୦୨୩ରୁ ୬ ଫେବୃୟାରୀ ୨୦୨୩ ମଧ୍ୟରେ ଆୟୋଜିତ ଏହି ସର୍ବେକ୍ଷଣରେ ମାର୍କିନ ସାମ୍ବାଦିକଙ୍କ ସହ ୟୁରୋପ, ଏସିଆ ଓ ଆଫ୍ରିକାରେ କର୍ମଜୀବୀ ସାମ୍ବାଦିକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ସେଥିରୁ ଜଣାଯାଇଥିଲା ଯେ ଦୁଇ ତୃତୀୟାଂଶ ସାମ୍ବାଦିକ ନିଜ ନିଯୁକ୍ତି, ପ୍ରକାଶନ ମଞ୍ଚ ଓ ବୃତ୍ତିଗତ ଅର୍ଥନୀତିକ ଭବିଷ୍ୟତ ପ୍ରତି ସନ୍ଦୀହାନ । ଅର୍ଥାତ, ସେମାନେ କାର୍ଯ୍ୟରତ ସମ୍ବାଦ ମଞ୍ଚ ମହାମାରୀ-ପର ଅର୍ଥନୀତିରେ ବଞ୍ଚି ରହିବ ନା ନାହିଁ, ସେମାନେ ନିଜେ ନିଯୁକ୍ତି ହରାଇବେ କି ନାହିଁ ତଥା ପ୍ରଚଳିତ ସାମ୍ବାଦିକତା ମଞ୍ଚଗୁଡ଼ିକର ରୂପରେଖ ବଦଳିବ କି ନାହିଁ ଭଳି ପ୍ରଶ୍ନରେ ମାନସିକ ସ୍ତରରେ ଆନ୍ଦୋଳିତ ।

ବୃତ୍ତିଧାରୀ ସାମ୍ବାଦିକମାନେ ନିଜ କର୍ମକ୍ଷେତ୍ର, ପ୍ରକାଶନ ଓ ବୃତ୍ତି ପ୍ରତି ଆଶଙ୍କା ପ୍ରକାଶ କଲେ ସେହି ପରିବେଶ ସାମ୍ବାଦିକତାର ଗୁଣବତ୍ତା ହ୍ରାସ କରିବା ସ୍ୱାଭାବିକ । କିନ୍ତୁ ସମ୍ବାଦ ମଞ୍ଚଗୁଡ଼ିକ ବିଘଟନର ଶିକାର ହୋଇଥିବା ସ୍ଥଳେ ସାମ୍ବାଦିକତାରେ ଗୁଣବତ୍ତା ବିକାଶ ହିଁ ସାମ୍ବାଦିକତାକୁ ଆକର୍ଷଣୀୟ, ପ୍ରଭାବଶାଳୀ ଓ ସ୍ୱାବଲମ୍ବୀ ଗଢ଼ି ତୋଳିବ । ସମ୍ବାଦ ମଞ୍ଚଗୁଡ଼ିକରୁ ଉପଭୋକ୍ତା ଅପସରି ଯାଉଥିବା, ବିଶ୍ୱସନୀୟତା ହରାଉଥିବା ଏବଂ ପ୍ରଚାର-ସର୍ବସ୍ୱ ସ୍ତରକୁ ଖସି ଆସୁଥିବା ଅବସରରେ ୨୦୨୩ ଆରମ୍ଭ ସୁଦ୍ଧା ସାମ୍ବାଦିକଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ସାମ୍ବାଦିକତାର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଥିବା ପ୍ରତୀୟମାନ ହୋଇଥାଏ ।

ଏହି ସର୍ବେକ୍ଷଣରୁ ସୂଚିତ ହୋଇଥିଲା ଯେ ସମ୍ବାଦ ମଞ୍ଚଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ସାମ୍ବାଦିକ ନିଯୁକ୍ତି ନଥିବା ହେତୁ ପ୍ରତି କାର୍ଯ୍ୟରତ ସାମ୍ବାଦିକଙ୍କ କାର୍ଯ୍ୟଭାର ୨୦ ପ୍ରତିଶତ ବଢ଼ିଯାଇଛି ଏବଂ ୩୩ ପ୍ରତିଶତ ଉଚିତ ଢଙ୍ଗରେ ସମ୍ବାଦ ରଚନା ନିମନ୍ତେ ସମୟ ପାଉନାହାନ୍ତି । ଜଣେ ସମ୍ବାଦଦାତାକୁ ସପ୍ତାହରେ ପାଞ୍ଚରୁ ଉର୍ଦ୍ଧ୍ୱ ସମ୍ବାଦ ରଚନା କରିବାକୁ ପଡୁଥିବା ହେତୁ ଭାରାକ୍ରାନ୍ତ । ସମସ୍ତ ସାମ୍ବାଦିକ ସୋସିଆଲ ମିଡ଼ିଆରେ ସଂପୃକ୍ତ ଥିବା ସ୍ଥଳେ ଅର୍ଦ୍ଧେକ କହିଥିଲେ ଯେ ୨୦୨୩ରେ 'ସର୍ଟ-ଭିଡ଼ିଓ' ଫର୍ମାଟରେ ସମ୍ବାଦ ପ୍ରସାର ଲୋକାଦୃତି ହାସଲ କରିବ । 'ବ୍ରଡ଼କାଷ୍ଟ' ନିମନ୍ତେ ୨୫ ପ୍ରତିଶତ ଓ 'ନିଉଜଲେଟର' ନିମନ୍ତେ ୧୩ ପ୍ରତିଶତ ଆଶାବାଦୀ ଥିଲେ ।

ଦକ୍ଷିଣ ଆମେରିକାର ଉତ୍ତର ଉପକୂଳରେ କାରାବିଏନ ସାଗରରେ ଦ୍ୱୀପାଞ୍ଚଳ ସମୃଦ୍ଧ ଭେନେଜୁଆଲା ଏକବିଂଶ ଶତାବ୍ଦୀ ଆରମ୍ଭରୁ ଅର୍ଥନୀତିକ ଓ ପ୍ରଶାସନିକ ଦୁରବସ୍ଥା, ହିଂସା, ଦୁର୍ନୀତି ତଥା ଦେଶାନ୍ତର ଗମନଭଳି ସମସ୍ୟାରେ ଛନ୍ଦି ହୋଇ ପଡ଼ିଛି । ପାରମ୍ପରିକ ଭାବେ କଫି ଓ କୋକୋ ଭଳି କୃଷିଜାତ ଉତ୍ପାଦନ ରପ୍ତାନୀରେ ପ୍ରସିଦ୍ଧି ହାସଲ କରିଥିବା ଭେନେଜୁଆଲା ପରବର୍ତ୍ତୀ ପର୍ଯ୍ୟାୟରେ ତୈଳ ରପ୍ତାନୀକରି ବିତ୍ତଶାଳୀ ରାଷ୍ଟ୍ରରେ ପରିଣତ ହୋଇଥିଲା । କିନ୍ତୁ ଆନ୍ତର୍ଜାତିକ ବଜାରରେ ତୈଳ ଦର ହ୍ରାସ ପରେ ଦେଶରେ ବ୍ୟାପକ ମୁଦ୍ରାସ୍ଫୀତି ଜନଜୀବନକୁ ବ୍ୟତିବ୍ୟସ୍ତ କରିପକାଇଥିଲା । ସମକାଳୀନ ଅର୍ଥନୀତିକ ପ୍ରହେଳିକାର ଭେନେଜୁଆଲା ଏକ ଜ୍ୱଳନ୍ତ ଉଦାହରଣ ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର 'ରଏଟରର୍ସ ଇନଷ୍ଟିଟିଉଟ ଫର ଦି ଷ୍ଟଡ଼ି ଅଫ ଜର୍ଣ୍ଣାଲିଜମ' ପକ୍ଷରୁ ମାର୍ଚ୍ଚ ୨୦୨୩ ମଧଭାଗରେ ପ୍ରକାଶିତ ଏକ ରିପୋର୍ଟରେ ଭେନେଜୁଆଲାରେ ଅର୍ଥନୀତିକ, ରାଜନୀତିକ ଓ ସାମାଜିକ ଅସ୍ଥିରତା ହେତୁ ସୃଷ୍ଟ ପରିବେଶରେ ସମ୍ବାଦ ମଞ୍ଚଗୁଡ଼ିକ ଡ଼ିଜିଟାଲ ରୂପାନ୍ତରିକରଣ ନିମନ୍ତେ ଉଦ୍ୟମ କରୁଥିବାର ବିଶଦ ବିବରଣୀ ସ୍ଥାନିତ ହୋଇଥିଲା । ସେଠାରେ ୨୦୧୩ରୁ ୨୦୨୨ ମଧ୍ୟରେ ମୁଖ୍ୟତଃ ଆର୍ଥିକ କାରଣରୁ ୬୦ ଗୋଟି ମୁଦ୍ରିତ ସମ୍ବାଦପତ୍ରର ପ୍ରକାଶନ ବନ୍ଦ ହୋଇଯାଇଛି । ସେହିପରି ସରକାରୀ କାର୍ଯ୍ୟାନୁଷ୍ଠାନରେ ୨୦୦୩ରୁ ୨୦୨୨ ମଧ୍ୟରେ ୨୮୫ ଗୋଟି ରେଡ଼ିଓ ଷ୍ଟେସନ ପ୍ରସାରଣରୁ ହଟିଛନ୍ତି । କେବଳ ୨୦୨୨ ବର୍ଷକ ମଧ୍ୟରେ ୯୫ ଗୋଟି ବେତାର ସମ୍ବାଦ ସଂସ୍ଥା ବନ୍ଦ ଲାଗି ସରକାର ଆଦେଶ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଭେନେଜୁଆଲା ଗଣମାଧ୍ୟମ ପରିସରରେ ମୁଦ୍ରଣ, ରେଡ଼ିଓ ଓ ଟେଲିଭିଜନ ସମ୍ବାଦ ମଞ୍ଚଗୁଡ଼ିକ ମୁଖ୍ୟତଃ ଅର୍ଥନୀତିକ ଦୁରବସ୍ଥା ଓ ପ୍ରଶାସନିକ ଦମନମୂଳକ କାର୍ଯ୍ୟନୁଷ୍ଠାନ ହେତୁ ବନ୍ଦ ହୋଇ ଯାଉଥିବା ସ୍ଥଳେ ସ୍ଥାନୀୟ ସମ୍ବାଦିକମାନେ ଡ଼ିଜିଟାଲ ମଞ୍ଚରେ ସ୍ୱାଧୀନ ସାମ୍ବାଦିକତା ଆରମ୍ଭ କରିଛନ୍ତି । ତୃଣମୂଳ ସ୍ତରରେ ବ୍ୟକ୍ତିଗତ ଉଦ୍ୟମରେ ଅଣ-ପାରମ୍ପରିକ ଶୈଳୀରେ ସମ୍ବାଦ ପ୍ରସାରଣ ଲୋକପ୍ରିୟତା ହାସଲ କରୁଛି । ବରିଷ୍ଠ ଓ ତାଲିମପ୍ରାପ୍ତ ସାମ୍ବାଦିକମାନେ ଦେଶାନ୍ତର ଗମନ କରି ଭେନେଜୁଆଲା ସାମ୍ବାଦିକତାକୁ ଡ଼ିଜିଟାଲ ମାଧ୍ୟମରେ ବଞ୍ଚାଇ ରଖିବା ନିମନ୍ତେ ଉଦ୍ୟମ କରୁଛନ୍ତି । ସରକାରଙ୍କ ପକ୍ଷରୁ ଇଣ୍ଟରନେଟ ସଟ-ଡ଼ାଉନ ଏବଂ ଡ଼ିଜିଟାଲ ମଞ୍ଚ ଯାଞ୍ଚ ବ୍ୟବସ୍ଥାରୁ ବର୍ତ୍ତିଯିବା ନିମନ୍ତେ 'ଭିପିଏନ' ଭଳି ଗୋପନୀୟ ଇଣ୍ଟରନେଟ ପଦ୍ଧତି ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଆବଶ୍ୟ ଭେନେଜୁଆଲାରେ ସରକାରୀ ମାଲିକାନା ଓ ପ୍ରୋତ୍ସାହନରେ ମୁଦ୍ରିତ ସମ୍ବାଦପତ୍ର, ରେଡ଼ିଓ ଓ ଟେଲିଭିଜନ ସାମ୍ବାଦିକତା ମଧ୍ୟ ପ୍ରଚଳିତ ।

ଭେନେଜୁଆଲାର ଉଦାହରଣ ଅର୍ଥନୀତିକ ଦୁରବସ୍ଥା ଓ ସ୍ୱେଚ୍ଛାଚାରୀ ଶାସନତନ୍ତ୍ରର ବଳୟରେ ସାମ୍ବାଦିକତାର ସଂଘର୍ଷର କାହାଣୀ ଆନ୍ତର୍ଜାତିକ ସାମ୍ବାଦିକତାର ଭବିଷ୍ୟତର ସ୍ୱରୂପ ସଂପର୍କରେ ଦିଗଦର୍ଶନ ଦେଇଥାଏ । ଭେନେଜୁଆଲାରେ ଯେଉଁ ଅର୍ଥନୀତିକ, ରାଜନୀତିକ ଓ ସାମାଜିକ ସଂକଟ ଦୀର୍ଘ ବର୍ଷ ଧରି ଦେଖା ଦେଇଛି, ସେହି ପରିବେଶ ବିଶ୍ୱବ୍ୟାପୀ ବିଭିନ୍ନ ରାଷ୍ଟ୍ରରେ ଊଣା-ଅଧିକେ ପ୍ରତିଫଳିତ । ଅତଏବ, ଭେନେଜୁଆଲା ସାମ୍ବାଦିକତାରେ ଅନୁସୃତ ବିକଳ୍ପ ଧାରା ମଧ୍ୟ ଅନୁସରଣର ସମୟ ଉପନୀତ ହୋଇଥିବା ବିଚାର କରାଯାଇ ପାରେ ।

# ସମସ୍ତ ସୁଖର ଆଧାର ହେଉଛି ଧର୍ମ

ସଂସାରରେ ସୁଖ ପାଇବାର ଏକମାତ୍ର ମାର୍ଗ ଅଛି ଓ ତାହା ହେଉଛି ଧର୍ମ । ଧର୍ମ ହିଁ ସମସ୍ତ ସୁଖର ଆଧାର, ସ୍ରୋତ ।'

ଯିଏ ଧର୍ମ ମାର୍ଗରେ ଚାଲିଥାଏ, ତାକୁ ସୁଖ ପ୍ରାପ୍ତ ହୋଇଥାଏ ଏବଂ ଯିଏ ଅଧର୍ମ ମାର୍ଗରେ ଚାଲେ, ତାକୁ ଦୁଃଖ ପ୍ରାପ୍ତ ହୋଇଥାଏ । ଏଣୁ ସଂସାରରେ ଯିଏ ସୁଖୀ ରହିବାକୁ ଚାହେଁ, ସେ ଧର୍ମ ମାର୍ଗରେ ହିଁ ଚାଲିବା ଉଚିତ ; କାରଣ ଧର୍ମ ଭୌତିକ ସୁଖ ହିଁ ନୁହେଁ, ବରଂ ଆଧାତ୍ମିକ ସୁଖ ମଧ ପ୍ରଦାନ କରିଥାଏ ।

ଯେଉଁ ବ୍ୟକ୍ତି ଧର୍ମ ମାର୍ଗରେ ଚାଲେ ନାହିଁ, ସେ ମନୁଷ୍ୟ ହୋଇ ବି ପଶୁ ସମାନ । ମନୁଷ୍ୟ ଓ ପଶୁମାନଙ୍କ ଜୀବନରେ ଏକମାତ୍ର ଧର୍ମର ହିଁ ଅନ୍ତର ରହିଛି । ପଶୁ ପେଟ ଭରିବା ପାଇଁ ଭୋଜନ କରିଥାଏ । ପଶୁ ପ୍ରଜନନ କରିଥାଏ, ପରିବାରର ପାଳନ କରିଥାଏ । ମନୁଷ୍ୟ ମଧ ଭୋକ ଦୂର କରିବା ପାଇଁ ଭୋଜନ କରିଥାଏ । ମନୁଷ୍ୟ ମଧ ସନ୍ତାନୋତ୍ପ କରିଥାଏ । ମନୁଷ୍ୟ ବି ପରିବାର ପାଳନ କରିଥାଏ । ତେଣୁ ଖାଇବା-ପିଇବା, ପେଟ-ପ୍ରଜନନ, ବିଷୟ-ବାସନା ଓ ପରିବାର ପାଳନ ଆଦି କ୍ରିୟା ପଶୁ ଓ ମନୁଷ୍ୟ ଉଭୟଙ୍କ ଜୀବନରେ ଦେଖିବାକୁ ମିଳେ ।

ଏକମାତ୍ର ଧର୍ମ ଏପରି, ଧର୍ମାଚରଣ ଏପରି, ଯାହା ପଶୁମାନଙ୍କ ଜୀବନରେ ଦେଖିବାକୁ ମିଳେ ନାହିଁ । ତେଣୁକରି ବ୍ୟକ୍ତି ଯଦି ମନୁଷ୍ୟ ହୋଇ ବି ଧର୍ମାଚରଣ ନ କରିବ ଓ କେବଳ ଖାଇବା-ପିଇବା, ପ୍ରଜନନ, ପରିବାର ପାଳନ ହିଁ କରିବ ତାହେଲେ ସେ ମନୁଷ୍ୟ ହୋଇ ମଧ ପଶୁ ସମାନ ।

ଯାହା ଧାରଣ କରିବାର ଯୋଗ୍ୟ ତାହା ଧର୍ମ । ଯେପରି କୌଣସି ବୃକ୍ଷର ଆଧାର ହେଉଛି ତାହାର ମୂଳ କାରଣ ସେହି ବୃକ୍ଷ ମୂଳ ସାହାଯ୍ୟରେ ହିଁ ଠିଆ ହୋଇଛି । ମୂଳ ଦ୍ୱାରା ହିଁ ତାକୁ ଜୀବନ ରସ ପ୍ରାପ୍ତ ହୋଇଥାଏ । ସେହି ମୂଳରୁ ପ୍ରାପ୍ତ ଜୀବନ ରସ କାରଣରୁ ହିଁ ଗୋଟିଏ ଛୋଟିଆ ଚାରା ବିଶାଳ ବୃକ୍ଷ ହୋଇ ଗଗନରେ ଚମକି ଥାଏ । ମୂଳ ଦ୍ୱାରା ଜୀବନ ରସ ପ୍ରାପ୍ତ ନ ହେଲେ ଗୋଟିଏ ଚାରା ବୃକ୍ଷ ହୋଇପାରିବ ନାହିଁ ଏବଂ ସେଥିରେ ପୁଷ୍ପ ଓ ଫଳ ଲାଗି ପାରିବ ନାହିଁ ।

ସେହିପରି ଧର୍ମ ମଧ ମନୁଷ୍ୟ ଜୀବନର ମୂଳାଧାର, ମୂଳ ; ଯଦ୍ୱାରା ମନୁଷ୍ୟକୁ ଓଜସ୍, ତେଜସ୍, ବର୍ଚ୍ଚସ, ସତ୍ୟ, ପ୍ରେମ, କରୁଣା, ସଂବେଦନା ଆଦି ରୂପେ ଜୀବନ ରସ ପ୍ରାପ୍ତ ହୋଇଥାଏ । ଏହି ଜୀବନ ରସ ସାହାଯ୍ୟରେ ହିଁ ମନୁଷ୍ୟ ଜୀବନ ବିଶାଳ ବୃକ୍ଷ ଭଳି ଉଚ୍ଚତାକୁ, ମହାନତାକୁ ପ୍ରାପ୍ତ ହୋଇଥାଏ । ଏହି ଜୀବନ ରସର ଅଭାବରେ ବ୍ୟକ୍ତି ଆକୃତି ଦୃଷ୍ଟିରୁ ମନୁଷ୍ୟ ହେଲେ ମଧ ପ୍ରକୃତି ଦୃଷ୍ଟିରୁ ମନୁଷ୍ୟ ହୋଇପାରେ ନାହିଁ ; କାରଣ ସେ ତ ମନୁଷ୍ୟ, କିନ୍ତୁ ତା'ଠାରେ ମନୁଷ୍ୟତା ନ ଥାଏ । ସେ ମନୁଷ୍ୟ ହେଲେ ମଧ ତା'ର ସ୍ୱଭାବ, ତା'ର ଆଚରଣ ମନୁଷ୍ୟ ଯାଚିତ ନୁହେଁ । ମନୁଷ୍ୟ ରୂପେ ଦେଖାଗଲେ ବି ତା'ର ବ୍ୟବହାର, ସ୍ୱଭାବ ମନୁଷ୍ୟ ଭଳି ନୁହେଁ । ମନୁଷ୍ୟତାର ଅଭାବରେ ମନୁଷ୍ୟ ଅଧର୍ମ, ଅନୀତି, କୁକର୍ମର ମାର୍ଗରେ ଚାଲିଥାଏ ଏବଂ ନିଜ ସହିତ ପୂରା ସମାଜ ପାଇଁ ଦୁଃଖ, ଅଶାନ୍ତି ଓ ପତନର କାରଣ ହୋଇଥାଏ ।

ମନୁସ୍ମୃତିରେ ଧର୍ମର ୧୦ଟି ଲକ୍ଷଣ କଥା କୁହାଯାଇଛି । ଧୈର୍ଯ୍ୟ, କ୍ଷମା, ସଂଯମ, ଚୋରି ନ କରିବା, ଶୌଚ (ସ୍ୱଚ୍ଛତା), ଇନ୍ଦ୍ରିୟଗୁଡିକୁ ବଶରେ ରଖିବା, ବୁଦ୍ଧି, ବିଦ୍ୟା, ସତ୍ୟ ଓ କ୍ରୋଧ ନ କରିବା- ଏସବୁ ଧର୍ମର ଲକ୍ଷଣ । ଏଣୁ ମନୁଷ୍ୟକୁ ଜୀବନରେ ଧୈର୍ଯ୍ୟ ରଖିବା ଉଚିତ । ସେ ଅଧୀର ହେବା ଉଚିତ ନୁହେଁ । ଧୈର୍ଯ୍ୟ ହରାଇ ଦେଲେ ବ୍ୟକ୍ତି ଦୁର୍ଗୁଣ ପ୍ରତି ପ୍ରବୃତ୍ତ ହୋଇଯାଏ ।

ମନୁଷ୍ୟ ମଧରେ ଅନ୍ୟମାନଙ୍କୁ କ୍ଷମା କରିବାର ଗୁଣ ବି ରହିବା ଦରକାର । ଯଦି କେହି ଆପଣଙ୍କ ପ୍ରତି କରିଥିବା ଭୁଲ ପାଇଁ କ୍ଷମା ମାଗେ ତ ତାକୁ କ୍ଷମା ପ୍ରଦାନ କରିବା ଦରକାର । ଜୀବନରେ ସଂଯମ ପାଳନ ଆବଶ୍ୟକ । ବ୍ୟକ୍ତି ସର୍ବଦା ସଜୋଟ ଉପାର୍ଜନ ହିଁ ଗ୍ରହଣ କରିବା ଉଚିତ । ପର ଧନକୁ ସେ ମାଟି ସମାନ ମାନିବା ଉଚିତ । ଚୋରିରୁ ପ୍ରାପ୍ତ ଧନ ବା ବସ୍ତୁ ଶେଷରେ ଆମର ଦୁଃଖ ଓ ବନ୍ଧନର କାରଣ ହୋଇଥାଏ । ଆମେ ଶୌଚ ଅର୍ଥାତ୍ ସ୍ୱଚ୍ଛତା ପ୍ରାପ୍ତ କରିବା ଦରକାର । ଏହା ହେଉଛି ଶାରୀରିକ, ମାନସିକ ଓ ବାହ୍ୟ ପରିବେଶ ସହିତ ସ୍ୱଚ୍ଛତା । ଶାରୀରିକ-ମାନସିକ ସ୍ୱଚ୍ଛତା ହେତୁ ଆମେ ସଫେଇ ଓ ବୃକ୍ଷରୋପଣ କରିବା ଆବଶ୍ୟକ । ଇନ୍ଦ୍ରିୟଗୁଡିକୁ ମଧ ବଶରେ ରଖିବା ଆବଶ୍ୟକ ।

ଆମେ ବୁଦ୍ଧିକୁ ପବିତ୍ର କରିବା ପାଇଁ ଗାୟତ୍ରୀ ମନ୍ତ୍ର ଜପ, ଯଜ୍ଞ, ଭଗବଦ୍ ଧ୍ୟାନ ଆଦି ନିୟମିତ ରୂପେ କରିବା ଦରକାର । ବିଦ୍ୟା ପ୍ରାପ୍ତି ହେତୁ ଆମେ କୌଣସି ବ୍ରହ୍ମନିଷ୍ଠ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ଶାସ୍ତ୍ରଗୁଡିକର ସ୍ୱାଧ୍ୟାୟ କରିବା ଉଚିତ । ଆମେ ସର୍ବଦା ସତ୍ୟ କହିବା । ଭଗବାନଙ୍କୁ ସତ୍ୟସ୍ୱରୂପ କୁହାଯାଇଛି । ସେଥିପାଇଁ ଭଗବାନଙ୍କୁ ସତ୍ୟ ନାରାୟଣ ଭଗବାନ ବି କୁହାଯାଏ । ସତ୍ୟ ମାର୍ଗରେ ଚାଲିବା ଦ୍ୱାରା ହିଁ ବ୍ୟକ୍ତିକୁ ସୁଖ ପ୍ରାପ୍ତ ହୋଇଥାଏ । ହଁ ! ପ୍ରାରମ୍ଭରେ ସତ୍ୟ ଉପରେ ଚାଲୁଥିବା ବ୍ୟକ୍ତି ସଂଘର୍ଷ କରୁଥିବାର ଅବଶ୍ୟ ଦେଖାଯାଏ, କିନ୍ତୁ ଶେଷରେ ସତ୍ୟର ହିଁ ଜୟ ହୋଇଥାଏ । ସତ୍ୟ ହଇରାଣ ହୋଇପାରେ, କିନ୍ତୁ ପରାଜିତ ନୁହେଁ । ସେଥିପାଇଁ କୁହାଯାଇଛି – 'ସତ୍ୟମେବ ଜୟତେ' ଅର୍ଥାତ୍ ସତ୍ୟର ହିଁ ବିଜୟ ହୋଇଥାଏ ।''

ମିଥ୍ୟା ଓ ବେଇମାନିର ମାର୍ଗରେ ଚାଲୁଥିବା ବ୍ୟକ୍ତିର ମନରେ ଗ୍ଲାନି, ଭୟ, ଚିନ୍ତା ଭରି ରହିଥାଏ, ଯଦ୍ୱାରା ସେ ମାନସିକ ବେମାରିର ଶିକାର ହୋଇ ଅସୁସ୍ଥ ରହିଥାଏ । ସେ ଶାରୀରିକ-ମାନସିକ ବିକାରଗୁଡିକର ଶିକାର ହୋଇଥାଏ । ତା'ର ମନୋବଳ, ଆତ୍ମବଳ ଦୁର୍ବଳ ହୋଇଥାଏ, ଯଦ୍ୱାରା ତାକୁ ପ୍ରତ୍ୟେକ କାମରେ ଅସଫଳତା ମିଳିଥାଏ । ତାକୁ ପ୍ରତିକ୍ଷଣ ନିଜର ମିଥ୍ୟା ଓ ବେଇମାନି ଧରା ପଡିଯିବାର ଭୟ କଷ୍ଟ ଦେଇଥାଏ । ସେଥିପାଇଁ ସେ ମିଥ୍ୟା ଓ ବେଇମାନିରୁ ପ୍ରାପ୍ତ ସୁଖର ସାଧନଗୁଡିକ ଥାଇ ମଧ ଭିତରୁ ଦୁଃଖୀ ରହିଥାଏ, ଯେତେବେଳେ କି ସତ୍ୟ ମାର୍ଗରେ ଚାଲୁଥିବା ବ୍ୟକ୍ତି ଆତ୍ମଗ୍ଲାନି ଓ ଭୟମୁକ୍ତ ହୋଇ ସର୍ବଦା ହର୍ଷିତ, ପ୍ରସନ୍ନଚିତ୍ତ ଓ ଆଶାବାଦୀ ହୋଇ ରହିଥାଏ । ଫଳସ୍ୱରୂପ ସେ ଜୀବନରେ ସର୍ବତ୍ର ସଫଳ ହୋଇଥାଏ ।

କ୍ରୋଧ ନ କରିବା ମଧ ଧର୍ମ । ଏହାର ଅର୍ଥ ଆମେ ଅକାରଣ କ୍ରୋଧ କରିବା ଅନୁଚିତ । କ୍ରୋଧ ଦ୍ୱାରା ଶାରୀରିକ– ମାନସିକ ଉର୍ଜାର କ୍ଷରଣ ହୋଇଥାଏ । କ୍ରୋଧରେ ଉଚିତ-ଅନୁଚିତର ଧ୍ୟାନ ରହେ ନାହିଁ, ଯଦ୍ୱାରା ବ୍ୟକ୍ତିକୁ ପଶ୍ଚାତ୍ତାପ କରିବାକୁ ପଡେ ଓ ଘୋର କ୍ଷତି ସହିବାକୁ ପଡେ । ହଁ, କୌଣସି ଅନୀତିର ପ୍ରତିକାର କରିବାକୁ ହେଲେ, କୌଣସି ସ୍ତ୍ରୀର ଅସ୍ମିତାର ରକ୍ଷା କରିବାକୁ ହେଲେ, କୌଣସି ବ୍ୟକ୍ତିକୁ କୌଣସି ଦୁଷ୍ଟ ବ୍ୟକ୍ତିର କବଳରୁ ମୁକ୍ତ କରିବାକୁ ହେଲେ, ଦେଶ ସହିତ ବିଶ୍ୱାସଘାତ କରୁଥିବା ଶତ୍ରୁମାନଙ୍କୁ ଶିକ୍ଷା ଦେବାକୁ ହେଲେ ସେଠାରେ ଆମକୁ କ୍ରୋଧ ଅବଶ୍ୟ କରିବା ଉଚିତ । ଏପରି କ୍ରୋଧ ସୁରକ୍ଷା, ସତ୍ୟର ରକ୍ଷା ଓ ଅହିଂସାର ରକ୍ଷା ପାଇଁ ଉଦ୍ଦିଷ୍ଟ । ମାତାପିତାଙ୍କର ସନ୍ତାନଙ୍କ ପ୍ରତି କ୍ରୋଧ ସେମାନଙ୍କର କ୍ଷତି କରିବା ପାଇଁ ନୁହେଁ, ବରଂ ସର୍ବଦା ସେମାନଙ୍କର ଭଲ ପାଇଁ ହୋଇଥାଏ ।

ଧର୍ମର ବ୍ୟାବହାରିକ ଅର୍ଥ କର୍ତ୍ତବ୍ୟ । ମାନବ ହେବା ଦୃଷ୍ଟିରୁ ମାନବର ଯେଉଁ କର୍ତ୍ତବ୍ୟ ରହିଛି, ତାହା ହେଉଛି ମାନବ ଧର୍ମ । ଜଣେ ଆଦର୍ଶ ନାଗରିକ ହେବା ଦୃଷ୍ଟିରୁ ନିଜ ରାଷ୍ଟ୍ର ପ୍ରତି ମନୁଷ୍ୟର ଯାହା କର୍ତ୍ତବ୍ୟ ରହିଛି, ତାହା ତା'ର ରାଷ୍ଟ୍ରଧର୍ମ ଜଣେ ପୁତ୍ର, ପିତା, ମାତା, ଭାଇ, ଭଉଣୀ, ପତ୍ନୀ ଓ ଅନ୍ୟ ସମ୍ପର୍କଗୁଡିକ ପ୍ରତି ମନୁଷ୍ୟର ଯେଉଁ କର୍ତ୍ତବ୍ୟ ରହିଛି, ସେହି କର୍ତ୍ତବ୍ୟ ହିଁ ମନୁଷ୍ୟର ଧର୍ମ । ଯେପରି ଉତ୍ତପ୍ତ ହେବା ହିଁ ସୂର୍ଯ୍ୟର ସ୍ୱଭାବ, ସୂର୍ଯ୍ୟର ଧର୍ମ, ପ୍ରବାହିତ ହେବା ଜଳର ଧର୍ମ, ଶୀତଳତା ଚନ୍ଦ୍ରର ସ୍ୱଭାବ, ଧର୍ମ; ସେହିପରି ମନୁଷ୍ୟତା ହିଁ ମନୁଷ୍ୟର ଧର୍ମ ।'

ସେହିପରି ମନୁଷ୍ୟ ହୋଇ ଜୀବନର ପରମ ଲକ୍ଷ୍ୟ, ମୋକ୍ଷ, ମୁକ୍ତି ଓ ଭଗବତ୍ ପ୍ରାପ୍ତି ସକାଶେ ପୁରୁଷାର୍ଥ କରିବା ମଧ ମନୁଷ୍ୟର ଧର୍ମ । ଏଣୁ ଯେଉଁ ବ୍ୟକ୍ତି ଧର୍ମକୁ ଏହି ରୂପରେ ନିଜ ଜୀବନରେ ସ୍ଥାପନ କରିଥାଏ, ତାକୁ ସୁଖ ପ୍ରାପ୍ତ ହୋଇଥାଏ, ପୁଣ୍ୟ ପ୍ରାପ୍ତ ହୋଇଥାଏ ଏବଂ ଶେଷରେ ତାକୁ ମୁକ୍ତି, ମୋକ୍ଷ ମଧ ପ୍ରାପ୍ତ ହୋଇଯାଏ । ଏଣୁ ଏକଥା ସ୍ପଷ୍ଟ ଯେ ଭୌତିକ ସୁଖ, ସାଂସାରିକ ସୁଖ ପାଇବାର ସ୍ରୋତ ମଧ ଧର୍ମ ଏବଂ ମୋକ୍ଷ, ମୁକ୍ତି, ଭଗବତ୍ ପ୍ରାପ୍ତିର ମାର୍ଗ ମଧ ଧର୍ମ । ଏଣୁ ପ୍ରତ୍ୟେକ ମନୁଷ୍ୟ ନିଜର ଜୀବନକୁ ଧର୍ମମୟ କରୁ ।

ସାଂସାରିକ ଭୌତିକ ସୁଖଗୁଡିକର କାରଣ ଧର୍ମ ପାଳନରୁ ପ୍ରାପ୍ତ ଶୁଭ ଭାବ ରୂପ ପୁଣ୍ୟ ଅଟେ । ଧର୍ମ ପାଳନ ଦ୍ୱାରା ବ୍ୟକ୍ତିକୁ ପୁଣ୍ୟ ପ୍ରାପ୍ତ ହୋଇଥାଏ ଏବଂ ସେହି ପୁଣ୍ୟ ଯୋଗୁଁ ତାକୁ ସୁଖ ମିଳିଥାଏ । ତାକୁ ସାଂସାରିକ-ଭୌତିକ ସୁଖ ପ୍ରାପ୍ତ ହୋଇଥାଏ । ଶୁଭ କର୍ମ କରିବା ଦ୍ୱାରା ବ୍ୟକ୍ତିକୁ ପୁଣ୍ୟ ପ୍ରାପ୍ତ ହୋଇଥାଏ । ଦୟା, ଦାନ, ସେବା, ପରୋପକାର, ଯଜ୍ଞ, କ୍ଷମା, ସତ୍ୟ ଆଦି କରିବା ଦ୍ୱାରା ବ୍ୟକ୍ତିକୁ ପୁଣ୍ୟ ପ୍ରାପ୍ତ ହୋଇଥାଏ ଏବଂ ସେହି ପୁଣ୍ୟ ଯୋଗୁଁ ତାକୁ ଭୌତିକ ସୁଖ ପ୍ରାପ୍ତ ହୋଇଥାଏ । ଅନ୍ୟ ପକ୍ଷରେ ଶୁଭ କର୍ମର ପରିଣାମ ସର୍ବଦା ସୁଫଳ, ସୁଖଦ ହୋଇଥାଏ ଏବଂ ମନ୍ଦ କର୍ମ ଅର୍ଥାତ୍ ହତ୍ୟା, ଲୁଟ, ବେଇମାନି, ଅସଂଯମ, କ୍ରୋଧ, ମିଥ୍ୟା ଆଦି କର୍ମର ପରିଣାମ ସର୍ବଦା ଦୁଃଖ ହିଁ ହୋଇଥାଏ, ତେଣୁ ସଂସାର ସୁଖ, ଭୌତିକ ସୁଖ ପ୍ରାପ୍ତ କରିବାର କାରଣ ଶୁଭ ଭାବ ରୂପ ପୁଣ୍ୟ ଅଟେ ଏବଂ ମୁକ୍ତିର କାରଣ ବୀତରାଗ ଭାବ ରୂପ, ଶୁଦ୍ଧ ଭାବ ରୂପ ଧର୍ମ ଅଟେ । ଧର୍ମ ପାଳନ ଦ୍ୱାରା ବ୍ୟକ୍ତି ମଧରେ ବୈରାଗ୍ୟ ଭାବ, ବୀତରାଗ ଭାବ ଉତ୍ପନ୍ନ ହୋଇଥାଏ । ବୈରାଗ୍ୟ ଭାବ, ବୀତରାଗ ଭାବ କାରଣରୁ ବ୍ୟକ୍ତି ରାଗ-ଦ୍ୱେଷ, ସୁଖ-ଦୁଃଖ, ମାନ-ଅପମାନ, ଆସକ୍ତି, କର୍ମ-ସଂସ୍କାର, କର୍ତ୍ତାପଣର ଭାବନା ଆଦି ବିବିଧ ପ୍ରକାର ବନ୍ଧନରୁ ମୁକ୍ତ ହୋଇଯାଏ । ଫଳସ୍ୱରୂପ ତା' ହୃଦୟରେ ଭଗବତ୍ ପ୍ରୀତି ବଢିଯାଏ, ଯଦ୍ୱାରା ଶେଷରେ ତାକୁ ମୁକ୍ତି ପ୍ରାପ୍ତ ହୋଇଥାଏ, ତାକୁ ଭଗବତ୍ ପ୍ରାପ୍ତି ହୋଇଥାଏ । ଏଣୁ ସାଂସାରିକ, ଭୌତିକ ସୁଖକୁ ଯେଉଁଠି ଧର୍ମର ଫଳ କୁହାଯିବ, ସେଠାରେ ଧର୍ମର ଅର୍ଥ ଶୁଭ ଭାବ ରୂପ ପୁଣ୍ୟ ବୋଲି ଜାଣିବା ଦରକାର ଏବଂ ଯେଉଁଠି ଧର୍ମକୁ ମୁକ୍ତିର କାରଣ କୁହାଯିବ, ସେଠାରେ ଧର୍ମ ଶବ୍ଦର ଅର୍ଥ ଶୁଦ୍ଧ ଭାବ ରୂପ ବୀତରାଗ ଭାବ ବୋଲି ଜାଣିବା ଉଚିତ ।

## ଆଜିର ଚିନ୍ତନ

ମହର୍ଷି ରୈକ୍ୱ ବଳଦଗାଡି ଚଲାଇ ଜୀବିକା ଉପାର୍ଜନ କରୁଥିଲେ । ସେହି ରାଜ୍ୟର ରାଜା ଜାନଶ୍ରୁତି ଜାଣି ପାରିଲେ ଯେ ମହର୍ଷି ରୈକ୍ୱ ବ୍ରହ୍ମଜ୍ଞାନୀ । ତାଙ୍କ ଠାରୁ ବ୍ରହ୍ମବିଦ୍ୟା ଶିଖିବା ଉଦ୍ଦେଶ୍ୟରେ ରାଜା ଜାନଶ୍ରୁତି ରାଜପରିବାରକୁ ସାଙ୍ଗରେ ନେଇ ମହର୍ଷିଙ୍କୁ ଭେଟିବା ପାଇଁ ତାଙ୍କ କୁଡିଆରେ ପହଞ୍ଚିଲେ । ମହର୍ଷି ଅତ୍ୟନ୍ତ ସରଳତାପୂର୍ଣ୍ଣ ଜୀବନଯାପନ କରୁଥିଲେ । ରାଜା ଜାନଶ୍ରୁତି ମହର୍ଷିଙ୍କୁ ପ୍ରଣାମ କଲେ ଓ ତାଙ୍କୁ ନିବେଦନ କଲେ– 'ମୁଁ ବ୍ରହ୍ମବିଦ୍ୟା ଶିଖିବା ପାଇଁ ଇଚ୍ଛୁକ, ଯଦି ଆପଣ ମୋର ଗୁରୁ ହୋଇ ପାରିବେ ତ ମୁଁ ନିଜକୁ କୃତାର୍ଥ ମଣିବି । ମହର୍ଷି ରୈକ୍ୱ ନିଃସ୍ପୃହ ଭାବରେ ଯେଉଁଠି ବସିଥିଲେ, ସେଠାରେ ବସି ରହିଲେ । ରାଜା ଅନେକ ଥର ଅନୁରୋଧ କରିବା ପରେ ମହର୍ଷି କୌଣସି ଉତ୍ତର ନ ଦେବାରୁ ରାଜା ଭାବିଲେ ସମ୍ଭବତଃ ମହର୍ଷି କୌଣସି ପ୍ରକାର ଦକ୍ଷିଣା ବା ଉପହାର ଚାହୁଁଛନ୍ତି ।

ଏପରି ଭାବି ରାଜା ଜାନଶ୍ରୁତି ମହର୍ଷିଙ୍କୁ କହିଲେ- ଋଷିବର ! ମୁଁ ଆପଣଙ୍କ ସମକ୍ଷରେ ହଜାର ହଜାର ଗାଈ ଓ ବହୁମୂଲ୍ୟ ରତ୍ନ ଜବାହର ଆଦି ଉପହାର ଦେବାକୁ ଚାହୁଁଛି । ଏହାକୁ ସ୍ୱୀକାର କରି ମୋତେ ବ୍ରହ୍ମବିଦ୍ୟାର ଉପଦେଶ ଦେବାର ଅନୁଗ୍ରହ କରନ୍ତୁ ।' ଏହା ଶୁଣି ମହର୍ଷି ରୈକ୍ୱ କହିଲେ– ''ପୁତ୍ର ! ଏହି ଜ୍ଞାନ ପ୍ରାପ୍ତିରେ ଏହା ହିଁ ହେଉଛି ବାଧା । ରାଜପଦର ଅହଂକାର ତୁମକୁ ଏପରି ବୁଝିବା ପାଇଁ ବିବଶ କରୁଛି, ତୁମର ଭ୍ରାନ୍ତ ହୋଇଯାଇଛି ଯେ ବ୍ରହ୍ମବିଦ୍ୟା ବି କୌଣସି ଏକ କ୍ରୟ-ବିକ୍ରୟର ବସ୍ତୁ, ଯାହାକୁ ନିର୍ଦ୍ଧାରିତ ମୂଲ୍ୟ ଦେଇ କ୍ରୟ କରାଯାଇପାରେ । ବ୍ରହ୍ମବିଦ୍ୟା ତ ବ୍ରହ୍ମକୁ ଜାଣିବାର ବିଦ୍ୟା, ଯାହା ସମସ୍ତ ଆକର୍ଷଣର ଉର୍ଦ୍ଧ୍ୱରେ । ଯଦି ଏହାକୁ ବି କିଣାଯାଇ ପାରିବ ତ ଏଥିରେ ଓ ବଜାରରେ ବିକ୍ରି ହେଉଥିବା ସାମାନ ମଧରେ କି ଅନ୍ତର ଅଛି ?

ରାଜା ଜାନଶ୍ରୁତିଙ୍କ ଅହଂକାର ଚୂର୍ଣ୍ଣ ହୋଇଗଲା, ତାଙ୍କୁ ବୋଧ ହେଲା ଯେ ଅଧ୍ୟାତ୍ମ ପଥରେ ଚାଲିବାରେ ଅହଂକାର ହିଁ ହେଉଛି ମୁଖ୍ୟ ବାଧା । ଯଦି ଏହା ସମାପ୍ତ ହୋଇଯିବ, କାମନା ଶୂନ୍ୟ ହୋଇଯିବ ତ ପ୍ରଭୁଙ୍କ ଭକ୍ତିରୁ ତାଙ୍କୁ କିଏ ରୋକି ପାରିବ । ଏହି ଭାବନାର ସହିତ ଯେବେ ସେ ମହର୍ଷିଙ୍କ ସମକ୍ଷରେ ପୁନଃ ପ୍ରସ୍ତୁତ ହେଲେ ତ ସେ ସଚ୍ଚା ଜ୍ଞାନର ଅଧିକାରୀ ହୋଇଗଲେ ।

## ପିଆଜ ନିୟନ୍ତ୍ରଣ କରିବ ଥାଇରଏଡ୍ !

ଥାଇରଏଡ୍ ଏବେ ଗମ୍ଭୀର ସମସ୍ୟା ପାଲଟିଛି । ଏହା ଶରୀରର ଏକ ପ୍ରମୁଖ ଏଣ୍ଡୋକ୍ରାଇନ୍ ଗ୍ଲାଣ୍ଡ, ଯାହା ଦେଖିବାକୁ ପ୍ରଜାପତି ଆକୃତିର । ଏଥିରୁ ଥାଇରଏଡ୍ ହର୍ମୋନ୍ କ୍ଷରିତ ହୋଇଥାଏ । ଏହି ହର୍ମୋନ ମେଟାବଲିଜିମ୍‌କୁ ନିୟନ୍ତ୍ରଣରେ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହା ଥାଇରକ୍ସିନ୍ ନାମକ ହର୍ମୋନ ପ୍ରସ୍ତୁତ କରେ, ଯେଉଁଥିରୁ ଶରୀରକୁ ଶକ୍ତିକ୍ଷୟ, ପ୍ରୋଟିନ୍ ଉତ୍ପାଦନ ଏବଂ ଅନ୍ୟ ହର୍ମୋନ ପ୍ରତି ଦେଖା ଦେଉଥିବା ସମ୍ବେଦନଶୀଳତାକୁ ନିୟନ୍ତ୍ରଣ କରିଥାଏ । ଥାଇରଏଡ୍ ହର୍ମୋନ କ୍ଷରଣ ଅସନ୍ତୁଳିତ ହେଲେ ଶରୀରର ସମସ୍ତ କାର୍ଯ୍ୟପ୍ରଣାଳୀ ଅବ୍ୟବସ୍ଥିତ ହୋଇଯାଏ । ଏହି ରୋଗରେ ବେଶ୍ କଷ୍ଟ ଭୋଗିବାକୁ ପଡେ । ଏହି ରୋଗକୁ ଖୁବ୍ ସହଜରେ ଘରୋଇ ଉପାୟରେ ନିୟନ୍ତ୍ରଣ କରିହେବ । ତ୍ୟାଗୀ ପଞ୍ଚର୍ମ ଆଣ୍ଡ ଆୟୁର୍ବେଦିକ୍ ହସ୍ପିଟାଲର ଡକ୍ଟର ଶିଳ୍ପୀଙ୍କ ଅନୁସାରେ, ପିଆଜ ହେଉଛି ଥାଇରଏଡ ନିୟନ୍ତ୍ରଣର ଏକମାତ୍ର ଘରୋଇ ଔଷଧ । ଫାଳେ ପିଆଜକୁ ଭଲଭାବେ ଥାଇରଏଡ୍ ଗ୍ଲାଣ୍ଡରେ ଘଷି ରାତିସାରା ଛାଡି ଦିଅନ୍ତୁ । ଏଭଳି କିଛିଦିନ କଲେ ଥାଇରଏଡ୍ ନିୟନ୍ତ୍ରଣକୁ ଆସିଥାଏ । ପିଆଜରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗଲ୍, ଆଣ୍ଟି ଇନଫ୍ଲାମେଟାରୀ ଓ କ୍ୟାନସର ସହ ଲଢ଼ିବାର ଗୁଣ ଭରପୁର ରହିଛି । ଏହାଛଡ଼ା ପିଆଜରେ ଭିଟାମିନ୍ ଓ ମିନେରାଲ୍ସ ମଧ ପ୍ରଚୁର ମାତ୍ରାରେ ମିଳେ, ଯାହା ଶରୀରକୁ ପୋଷଣ ଦିଏ । ତେଣୁ ଥାଇରଏଡ୍ କ୍ଷେତ୍ରରେ ଏହା ଉପଯୋଗ ଆପଣଙ୍କୁ ନୂଆ ଜୀବନ ପ୍ରଦାନ କରିପାରେ ।



## ଇନ୍‌ଫେକ୍ସନ୍‌ରୁ ରକ୍ଷାକରେ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି । ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଇନ୍‌ଫେକଶନ୍‌ରୁ ଉପଶମ ଦେଇଥାଏ । କେବଳ ସେତିକି ନୁହେଁ, ଅମୃତ ଭଣ୍ଡାରେ 'ପପେନ୍ ଏନଜାଇମ୍' ନାମକ ଉପକାରୀ ଜିନିଷ ରହିଛି । ନିୟମିତ ଏହାକୁ ଖାଇଲେ ତାହା ମେଦ ବହୁଳତା ପରି ସମସ୍ୟାକୁ କେତେକାଂଶରେ ଦୂର କରିଥାଏ । ଏଥିରେ କ୍ୟାଲୋରି ପରିମାଣ କମ୍ ଥାଏ ଓ ଫାଇବର୍ ଅଧିକ ଥାଏ । ଅନ୍ୟପକ୍ଷରେ ଅମୃତଭଣ୍ଡାରେ ଜଳୀୟ ଅଂଶ ରହିଛି । ଏଥିରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଫଳରେ ଶରୀରରେ ଜଳ ପରିମାଣ ସନ୍ତୁଳିତ ରହେ ।



ବର୍ଷ ୨୭, ସଂଖ୍ୟା- ୧୩, ୨୭ ମାର୍ଚ୍ଚ - ୧ ଏପ୍ରିଲ ୨୦୨୩

# ଆମ ରାଜ୍ୟର କୃଷି ବଜେଟ୍

ଆମ ରାଜ୍ୟରେ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ ହେବାର ୧୧ ବର୍ଷ ହୋଇଗଲା । ଆଶା କରାଯାଉଥିଲା ବିଗତ ଦଶ ବର୍ଷର କୃଷି ବଜେଟ୍‌ରୁ ଓଡ଼ିଶା କୃଷି କିପରି ଲାଭବାନ ହୋଇଛି ତା'ର ଏକ ଚିତ୍ର ଚଳିତ ବଜେଟ୍ ଭାଷଣରେ ପ୍ରତିଫଳିତ ହେବ ; କିନ୍ତୁ ତାହା ହୋଇ ନାହିଁ । କେବଳ ଗଣିତର ଖେଳ ପ୍ରଦର୍ଶିତ ହୋଇଛି । ବିଗତ ୨୦୨୨- ୨୩ ବର୍ଷର କୃଷି ବଜେଟ୍ ତୁଳନାରେ ୨୦୨୩-୨୪ କୃଷି ବଜେଟରେ ୨୧ ପ୍ରତିଶତ ଅଧିକ ବ୍ୟୟବରାଦ ହୋଇଛି ବୋଲି କୃଷି ପ୍ରତି ସରକାରଙ୍କ ଗୁରୁତ୍ୱ ଦେବା କଥା କୁହାଯାଇଛି । ଏ ବର୍ଷ କୃଷି ବଜେଟରେ ମୋଟ୍ ୨୪,୮୨୯ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । କୃଷି ବିଭାଗ ବଜେଟରେ ଚାରିଗୋଟି ବିଭାଗ ଅନ୍ତର୍ଭୁକ୍ତ ଯଥା :- କୃଷି ଓ କୃଷକ ସଶକ୍ତିକରଣ, ଜଳସମ୍ପଦ, ମତ୍ସ୍ୟ ଓ ପଶୁସମ୍ପଦ ଏବଂ ସମବାୟ । ଏ ସବୁ ବିଭାଗ ପାଇଁ ଗତ ବଜେଟ୍ ତୁଳନାରେ ଅଧିକ ବ୍ୟୟବରାଦ ହୋଇଥିଲେ ବି ବର୍ତ୍ତମାନ ରାଜ୍ୟର କୃଷକମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେସବୁର ସମାଧାନ କିପରି ହୋଇ ପାରିବ ତାହାର ନକ୍ସା ବଜେଟରେ ଦେଖିବାକୁ ମିଳିଲା ନାହିଁ ।

କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧିର ମୂଳ ମନ୍ତ୍ର ହେଲା ଜଳସେଚନ, ଉତ୍ପାଦିତ ଦ୍ରବ୍ୟ ପାଇଁ କୃଷକକୁ ଲାଭଜନକ ମୂଲ୍ୟ ପ୍ରାପ୍ତି ଆଉ ଏଥିପାଇଁ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, ସଂରକ୍ଷଣ ଓ ବିପଣନ ପାଇଁ ଉପଯୁକ୍ତ ବଜାର ସୃଷ୍ଟି ।


୨୦୧୩-୧୪ ଆର୍ଥିକ ବର୍ଷରୁ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ ହେବାଠାରୁ କୃଷି ବଜେଟର ୫୦ ଭାଗରୁ ଅଧିକ ଅର୍ଥ ଜଳସେଚନ ପାଇଁ ବ୍ୟୟବରାଦ ହେଉଛି ; କିନ୍ତୁ ସେହି ହିସାବରେ ଚାଷୀର ବିଲରେ ପାଣି ମାଡୁଛି କି ? ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ କୃଷି ବଜେଟର ପରିମାଣ ୨୪,୮୨୯ କୋଟି ଟଙ୍କା ହୋଇଥିବାବେଳେ ତାହା ମଧ୍ୟରୁ କେବଳ ଜଳସେଚନ ପାଇଁ ବରାଦ ହୋଇଛି ୧୦,୭୨୪ କୋଟି ଟଙ୍କା । ଅର୍ଥାତ୍ ମୋଟ କୃଷି ବଜେଟର ୪୩.୨୦ ପ୍ରତିଶତ । ଆଜିକାଲି ବଡ଼ ବଡ଼ ଜଳସେଚନ ପ୍ରକଳ୍ପ ପାଇଁ ଜମିଜମା ଛାଡ଼ିବାକୁ,ବିସ୍ଥାପିତ ହେବାକୁ ଲୋକେ ନାରାଜ । ଆନ୍ଦୋଳନ କରୁଛନ୍ତି । ତା'ଛଡା ବଡ଼ ବଡ଼ ପ୍ରକଳ୍ପ ଶେଷ ହେବା ପାଇଁ ଦଶନ୍ଧି ଦଶନ୍ଧି ଲାଗି ଯାଉଛି । ଯାହା ଫଳରେ ପ୍ରକଳ୍ପ ଖର୍ଚ୍ଚ ବଢ଼ି ଯାଉଛି । ବଡ଼ବଡ଼ ଜଳସେଚନ ପ୍ରକଳ୍ପ ପ୍ରତି ବିଶେଷ ଗୁରୁତ୍ୱ ନ ଦେଇ ଯଦି ଚାଷୀର କ୍ଷେତରେ କ୍ଷେତ ପୋଖରୀ ଖୋଳି ବର୍ଷା ଜଳକୁ ସଂଗ୍ରହ କରି ରଖି ସୋଲାର ପମ୍ପ ସାହାଯ୍ୟରେ ପାଣି ଉଠାଇ ଜଳସେଚନ କରାଯାଆନ୍ତା, ତେବେ ଅଧିକାଂଶ ଜମିରେ ଜଳସେଚନ ହୋଇ ପାରନ୍ତା । ଏଥିପାଇଁ ଚାଷୀଙ୍କୁ ଋଣ ଦେବା ବ୍ୟବସ୍ଥା ସହ କିଛି ରିହାତି  ଦେବାର ବ୍ୟବସ୍ଥା ହୁଅନ୍ତା ।

ବିଧାନସଭାରେ କୃଷି ସମ୍ବନ୍ଧରେ ଆଲୋଚନା ବେଳେ ଅବା ଅର୍ଥ ମନ୍ତ୍ରୀଙ୍କ ବଜେଟ୍ ଭାଷଣରେ କେଉଁଠି ହେଲେ ନାହିଁ  ସ୍ୱତନ୍ତ୍ର କୃଷି ବଜେଟ୍ ୨୦୧୩-୧୪ରୁ ଆରମ୍ଭ ହେବା ଦିନ ଠାରୁ ଗତ ୧୦ ବର୍ଷ ମଧ୍ୟରେ କେଉଁ ଜିଲ୍ଲା ଅବା ବ୍ଲକରେ ପ୍ରକୃତରେ କେତେ ଜମିରେ ଜଳ ମାଡୁଛି । କେବଳ କୁହାଯାଇଛି କେତେ ଜଳସେଚନର ଉତ୍ସ ସୃଷ୍ଟି ହୋଇଛି । ଜଳର ଉତ୍ସରୁ କେନାଲ ଖୋଳା ହୋଇ ଅବା ଉଠା ଜଳସେଚନ ପଏଣ୍ଟରୁ କିମ୍ବା ଆଡିବନ୍ଧରୁ ଫିଲ୍ଡ ଚାନେଲ ମାଧ୍ୟମରେ ଜମିକୁ ପାଣି ମଡାଇବାର ବ୍ୟବସ୍ଥା ହେବା ଆବଶ୍ୟକ । ଓଡ଼ିଶା ସରକାର ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ବିଧାନସଭାରେ ବାର୍ଷିକ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଥାନ୍ତି । ତାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ୨୦୨୧-୨୨ରେ ଯେତେ ହେକ୍ଟରରେ ଜଳ ସେଚନ ପାଇଁ ଜଳର ଉତ୍ସ ସୃଷ୍ଟି କରାଯାଉଛି ତାର ୬୬.୦୪ ପ୍ରତିଶତ ଜମିରେ ପାଣି ମାଡିଛି । ଅଥଚ ୨୦୧୩- ୧୪ରେ ୭୨ ଭାଗ ଜମିରେ ପାଣି ମାଡୁଥିଲା । ବଡ଼ ତାତ୍ପର୍ଯ୍ୟର କଥା ଏବେ ଯେଉଁ ୨୦୨୨-୨୩ର ଅର୍ଥନୈତିକ  ସର୍ଭେ ରିପୋର୍ଟ ଉପସ୍ଥାପିତ ହୋଇଛି, ସେଥିରେ କେବଳ ଜଳର ଉତ୍ସ ସୃଷ୍ଟି କଥା କୁହାଯାଇଛି ; କିନ୍ତୁ କେତେ ଜମିରେ ପାଣି ମାଡ଼ିଲା ସେ କଥା କୁହାଯାଇ ନାହିଁ । ଜଳସେଚନ ବିଭାଗ ଯେତେ ଜମିରେ ପାଣି ମାଡ଼ୁଥିବା କହୁଛି ପ୍ରକୃତରେ ସେତିକି ଜମିରେ ପାଣି ମାଡୁ ନାହିଁ । ଏହା ପ୍ରମାଣ ଦିଏ ଓଡ଼ିଶା ସରକାରଙ୍କ ପରିସଂଖ୍ୟାନ ଓ ଅର୍ଥନୀତି ନିର୍ଦ୍ଦେଶାଳୟ ଦ୍ୱାରା ପ୍ରସ୍ତୁତ ହେଉଥିବା କୃଷି ଗଣନା ରିପୋର୍ଟ ଦ୍ୱାରା । ୨୦୧୫-୧୬ ଗଣନା ଅନୁସାରେ ମୋଟ ଫସଲ ହେଉଥିବା ଜମିର ମାତ୍ର ୨୭ ଭାଗ ଜମିକୁ ପାଣି ଯୋଗାଇ ଦିଆଯାଇଛି । ଅର୍ଥାତ୍ କେବଳ ଜଳସେଚନର ଉତ୍ସ ସୃଷ୍ଟି କଲେ ଚାଷୀର ଲାଭ ହେବନାହିଁ, ଯେ ପର୍ଯ୍ୟନ୍ତ ଜଳ ଚାଷୀର ଜମିରେ ନ ମାଡିଛି । ବଜେଟ୍ ଭାଷଣରେ କେବଳ କେଉଁ ପ୍ରକଳ୍ପରୁ କେତେ ଖର୍ଚ୍ଚ ହେବ ତା ପାଇଁ ଅର୍ଥ ବରାଦ ହୋଇଛି, ତାହା କୁହାଯାଉଥିବା ବେଳେ କେଉଁ ପ୍ରକଳ୍ପରୁ କେତେ ଜମିରେ ମାଡ଼ିଲା ତାହା କୁହାଯାଉନାହିଁ । ୨୦୧୧ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ବ୍ଲକର ଅନ୍ତତଃ ୩୫ ପ୍ରତିଶତ ଚାଷ ଜମିକୁ ଜଳ ଯୋଗାଇ ଦେବାର ଲକ୍ଷ୍ୟ ହାସଲ କରାଯିବ ବୋଲି କୁହାଯାଇ ଥିଲେ ବି ଏ ପର୍ଯ୍ୟନ୍ତ ଆହୁରି ୪୬ଟି ବ୍ଲକରେ ସେ ଲକ୍ଷ୍ୟ ହାସଲ ହୋଇନାହିଁ । ସରକାର ଅନ୍ତତଃ ପ୍ରତି ବ୍ଲକରେ କେତେ ଜମିରେ କେଉଁ ସୂତ୍ରରୁ ପ୍ରକୃତ କେତେ ଜମିକୁ ପାଣି ଯୋଗାଣ ହୋଇ ପାରୁଛି ତାର ସରଜମିନ ତଦନ୍ତ କରି ଆସନ୍ତା ପାଞ୍ଚ ବର୍ଷରେ ପ୍ରତି ବ୍ଲକରେ 'କେତେ କେତେ ଜମିକୁ ପାଣି ମାଡିବ ତା'ର ନକ୍ସା ପ୍ରସ୍ତୁତ କରି କାର୍ଯ୍ୟ କଲେ ଅଧିକ ଜମିରେ ପାଣି ମାଡି ପାରନ୍ତା ।

ଚାଷୀ ତା' ଫସଲର ଲାଭଜନକ ମୂଲ୍ୟ ନ ପାଇଲେ ଯେତେ ଅମଳ କଲେ ବି ଚାଷୀର କିଛି ଲାଭ ହେବ ନାହିଁ ବରଂ କ୍ଷତି ହେଉଛି ଓ ହେବ ମଧ । ଏ ବର୍ଷ କୋବି ଅମଳ ବେଳେ ଖବର ପ୍ରକାଶ ପାଇଥିଲା ଯେ ବରଗଡ଼ର କୋବି ଚାଷୀ କୋବିର ଲାଭଜନକ ମୂଲ୍ୟ ନ ପାଇବାରୁ କୋବି କିଆରିରେ ଟ୍ରାକ୍ଟର ଚଲାଇ ଦେଲା । ପ୍ରତିବର୍ଷ ଖବର ପ୍ରକାଶ ପାଉଛି ବିଲାତି ବାଇଗଣ ଚାଷୀମାନେ ଠିକ ମୂଲ୍ୟ ପାଉ ନ ଥିବାରୁ ରାସ୍ତାରେ ବିଲାତି ଫୋପାଡି ଦେଉଛନ୍ତି ଅବା ବିଲରୁ ତୋଳୁ ନାହାନ୍ତି । ଏଥିପାଇଁ ଦରକାର ପ୍ରକ୍ରିୟାକରଣ ଶିଳ୍ପ, ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର,ବିକ୍ରୟ ପାଇଁ ବଜାର ବ୍ୟବସ୍ଥା ଏବଂ ଆଳୁ ପିଆଜ, ତୈଳବୀଜ, ଡାଲିର ଅଭାବ କିପରି ଦୂର କରି ହେବ ବଜେଟରେ ଏସବୁ ବିଷୟରେ ଉଲ୍ଲେଖ ନାହିଁ ।

କୃଷି ବିକାଶର ମୂଳ ଲକ୍ଷ୍ୟ ହେଲା ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇ ଦେବା ଏବଂ ତା'ସହ କୃଷକର ଆୟ ବଢାଇବା । କୃଷକର ଆୟ ନ ବଢ଼ିଲେ ତା ପରିବାର ଚଳିବ କିପରି ସରକାରୀ ରିପୋର୍ଟ ଅନୁଯାୟୀ ୨୦୧୧-୧୨ରେ ଚାଷୀ ପରିବାରର ମାସିକ ଆୟ ୪୯୭୬ ଟଙ୍କା ଥିବାବେଳେ ୨୦୧୫-୧୬ରେ ବୃଦ୍ଧି ପାଇ ହେଲା ୭୭୩୧ଟଙ୍କା ; କିନ୍ତୁ ୨୦୧୮-୧୯ରେ ୫୧୧୨ ଟଙ୍କାକୁ ହ୍ରାସ ପାଇଲା । ଏହା ଉଦ୍‌ବେଗର ବିଷୟ ।

ଏବେ ସଂଶୋଧିତ କମ୍ପାନୀ ଆଇନ ଅନୁଯାୟୀ ଯେଉଁ କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଉଛି ଦେଶ ସାରା,ତାହା କୃଷି ଉତ୍ପାଦନ ବୃଦ୍ଧି କରିବା, କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟ, କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରି ମୂଲ୍ୟଯୁକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଓଡ଼ିଶାରେ ମଧ କେତେକ କୃଷକ ଉତ୍ପାଦକ ସଂଗଠନ ଭଲ କାମ କରି ତା'ର ସଦସ୍ୟ କୃଷକମାନଙ୍କର ଆୟ ବୃଦ୍ଧିରେ ସହାୟକ ହେଲେଣି । ବଜେଟରେ କୃଷକ ଉତ୍ପାଦକ ସଂଗଠନ ପାଇଁ ୫୨ କୋଟି ଟଙ୍କାର ବ୍ୟୟ ବରାଦ ସ୍ୱାଗତଯୋଗ୍ୟ । କେବଳ ବ୍ୟୟ ବରାଦ କଲେ ହେବ ନାହିଁ, ଏହି ସଂଗଠନଗୁଡ଼ିକ କିପରି ଠିକ୍ ଭାବରେ କାମ କରି କୃଷକମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଲାଭଜନକ ମୂଲ୍ୟରେ ବିକ୍ରି କରି ପାରିବେ, ସେଥିପାଇଁ ସେଗୁଡିକୁ ନିରନ୍ତର ଦିଗ୍‌ଦର୍ଶନ ଦେବା ସହିତ ଆବଶ୍ୟକୀୟ ଆର୍ଥିକ ସହାୟତା ଯଥା ସମୟରେ ଯୋଗାଇ ଦିଆଯାଉ ।



# ସାମାଜିକ ସଂସ୍କାର

**ମହାତ୍ମା ଗାନ୍ଧୀ**

ଅନେକ ଦିନରୁ ମୋ'ର ବିଶ୍ୱାସ ହୋଇଛି ଯେ, ରାଜନୀତିକ ସଂସ୍କାର ଅପେକ୍ଷା ସାମାଜିକ ସଂସ୍କାର ଏକ ଅଧିକ କଠିନ ବ୍ୟାପାର । ରାଜନୀତିକ ସଂସ୍କାର ଲାଗି ବାତାବରଣ ପ୍ରସ୍ତୁତ ହୋଇ ରହିଛି, ଏଥିରେ ଲୋକମାନଙ୍କର ଆଗ୍ରହ ଅଛି ଏବଂ ବିଦେଶର ଏପରି ଏକ ଧାରଣା ରହିଛି ଯେ, ଆଦୌ କୌଣସି ଆତ୍ମ-ଶୁଦ୍ଧିକରଣ ନକରି ମଧ ତାହା ସମ୍ଭବ ହୋଇପାରିବ । ଅନ୍ୟ ପକ୍ଷରେ, ସାମାଜିକ ସଂସ୍କାର ନିମନ୍ତେ ଲୋକମାନଙ୍କର ସେପରି କୌଣସି ଆଗ୍ରହ ନାହିଁ, ସେଥିଲାଗି ଯେତେ ଆନ୍ଦୋଳନ କଲେ ମଧ ତାହାର ଫଳ ସେପରି ଆଖିଦୃଶିଆ ହେବାପରି ବୋଧ ହେଉନାହିଁ ଏବଂ ଏହି କ୍ଷେତ୍ରରେ ଅଭିନନ୍ଦନ ଏବଂ ସମ୍ଭାଷଣ ଲାଗି ମଧ କମ୍ ଅବକାଶ ରହିଛି । ତେଣୁ, ସମାଜ ସଂସ୍କାରକ ମାନଙ୍କୁ ଆହୁରି କିଛି କାଳ ପାଇଁ ଏହି ନୀରସ କାର୍ଯ୍ୟଟିକୁ ଚାଲୁ ରଖିବାକୁ ହେବ, ଶାନ୍ତ ରହିବାକୁ ପଡ଼ିବ ଏବଂ ଆପାତତଃ ଯେତିକି ସାନ ସାନ ସଫଳତା ମିଳୁଥିବ, ସେତିକିରେ ସନ୍ତୁଷ୍ଟ ରହିବାକୁ ହେବ ।

ମୋ'ମତରେ, ଆପଣାର ଅଭିଯାନ ନିମନ୍ତେ ଜଣେ ସଂସ୍କାରକ ଯାହା କିଛି ଆବଶ୍ୟକ କରେ, ପଇସା ହେଉଛି ସେଥିରେ ସର୍ବଶେଷ କଥା । ତା'ର ପ୍ରକୃତରେ ଯେତିକି ଲୋଡ଼ା, ନ ମାଗିଲେ ମଧ ତା'ପାଖକୁ ଠିକ୍ ସେତିକି ଅର୍ଥ ଅବଶ୍ୟ ଆସୁଥାଏ । ଆପଣାର ବିଫଳତା ନିମନ୍ତେ ଯେଉଁ ସଂସ୍କାରକମାନେ ଅର୍ଥାଭାବକୁ ଏକ କାରଣ ବୋଲି ଦର୍ଶାଇଥାନ୍ତି, ସେମାନଙ୍କୁ ମୁଁ ସର୍ବଦା ସନ୍ଦେହର ଚକ୍ଷୁରେ ଦେଖି ଆସିଛି । ଯେଉଁଠି ଉତ୍ସାହ ରହିଥିବ, ଆବଶ୍ୟକ ଜ୍ଞାନ ଏବଂ ଆତ୍ମବିଶ୍ୱାସ ଥିବ, ସେଠାରେ ଆର୍ଥିକ ସାହାଯ୍ୟ ମଧ ଅବଶ୍ୟ ଆସିବ । ଯାହାକୁ ଶୁଦ୍ଧ ରାଜନୀତିକ କାର୍ଯ୍ୟ ବୋଲି କୁହାଯାଉଛି, ତା'ଠାରୁ ସମାଜ ସଂସ୍କାରର କାର୍ଯ୍ୟ ବା ଆତ୍ମ-ବିଶୁଦ୍ଧିକରଣ ମୋ'ଲାଗି ଶହେଗୁଣ ଅଧିକ ପ୍ରିୟ ହୋଇ ରହିଥାଏ ।

ମୃତ ବ୍ୟକ୍ତିମାନଙ୍କର ପ୍ରେତମାନଙ୍କ ଠାରୁ ମୁଁ କେବେ ହେଲେ କୌଣସି ସନ୍ଦେଶ ପାଏନାହିଁ । ଏହିଭଳି ସନ୍ଦେଶ ପାଇବାର ସମ୍ଭାବନାକୁ ଅବିଶ୍ୱାସ କରିବାପାଇଁ ମଧ ମୋ'ପାଖରେ କୌଣସି ପ୍ରମାଣ ନାହିଁ । ମାତ୍ର, ଏହିଭଳି ସନ୍ଦେଶମାନ ପାଇବାଲାଗି ଯେଉଁସବୁ ଆୟୋଜନ ଓ ଉଦ୍ୟମ କରାଯାଏ, ମୁଁ ତାହାର ତୀବ୍ର ନିନ୍ଦା କରିଥାଏ । ସେଗୁଡ଼ିକ ଅଧିକାଂଶ ସମୟରେ ପ୍ରତାରିତ କରି ଏବଂ କଳ୍ପନାରୁ ହିଁ ନିଷ୍ପନ୍ନ ହୋଇ ଆସିଥାନ୍ତି ।

ଏଭଳି ସମ୍ପର୍କ ସ୍ଥାପନ ସମ୍ଭବ ବୋଲି ଧରି ନିଆଗଲେ ମଧ, ଉଭୟ ମାଧ୍ୟମ ଏବଂ ପ୍ରେତମାନଙ୍କ ଲାଗି ଏହା କ୍ଷତିକାରକ ହୋଇଥାଏ । ଯେତେବେଳେ ଗୋଟିଏ ପ୍ରେତ ପୃଥିବୀରୁ ସମ୍ପର୍କ ତୁଟାଇନେଇ ଉଚ୍ଚତର କ୍ଷେତ୍ରକୁ ଲଜ୍ଜିତ ହୋଇ ଯିବାଲାଗି ଚେଷ୍ଟା କରୁଥାନ୍ତା, ସେତେବେଳେ ତାହାକୁ ଏପରି ଆବାହାନ କରି ଆଣିବା ଦ୍ୱାରା ତାହାକୁ ପୃଥିବୀ ଆଡ଼କୁ ଆକର୍ଷିତ କରି ଅଣାଯାଏ ଏବଂ ଏଇଠି ବାନ୍ଧିକରି ରଖାଯାଏ । ଗୋଟିଏ ପ୍ରେତ ଅଶରୀରୀ ବୋଲି ତାହା ଯେ ଅଧିକ ଶୁଦ୍ଧ ହୋଇଥବ, ତାହା ଆଦୌ ଅବଶ୍ୟମ୍ଭାବୀ ନୁହେଁ । ପୃଥିବୀରେ ଦେହ ଧରି ରହିଥିବା ବେଳେ, ସିଏ ଯେତେ ଯେତେ ନଶ୍ୱରତାର ଅଧୀନ ହୋଇ ରହିଥିଲା, ସେଥିରୁ ଅଧିକାଂଶଗୁଡ଼ିକୁ ସେହି ପ୍ରେତ ସାଙ୍ଗରେ ଧରି ଯାଇଥାଏ । ତେଣୁ, ସିଏ ଆମକୁ ଯେଉଁସବୁ ତଥ୍ୟ ବା ପରାମର୍ଶ ଦିଏ, ସେଗୁଡ଼ିକ ହୁଏତ ଆଦୌ ସତ୍ୟ ଅଥବା ଯୁକ୍ତିଯୁକ୍ତ ହୋଇ ନ ପାରେ ।

ଏକ ପ୍ରେତ ପୃଥିବୀରେ ଥିବା ମନୁଷ୍ୟମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ଇଚ୍ଛା କରିଥାଏ । ଏଥିରେ ହୃଷ୍ଟ ହେବାର ଆଦୌ କୌଣସି କାରଣ ନାହିଁ । ଅପର ପକ୍ଷରେ, ଏଭଳି ଯେ କୌଣସି ଅନୁଚିତ ଆସକ୍ତୋଷରୁ ତାହାକୁ ଛିନ୍ନ କରି ଦିଆଯିବା ଉଚିତ । ଏହାଦ୍ୱାରା ପ୍ରେତମାନଙ୍କ ପ୍ରତି ମଧ ବହୁତ କ୍ଷତି କରା ଯାଇଥାଏ ।

ମାଧ୍ୟମ ବିଷୟରେ କହିବାକୁ ଗଲେ ଏ ବିଷୟରେ ମୋ'ର ପ୍ରତ୍ୟକ୍ଷ ଜ୍ଞାନ ରହିଛି ଯେ, ମୁଁ ଯେତେ ଜଣଙ୍କର ସମ୍ପର୍କରେ ଆସିଛି, ସେମାନଙ୍କର ମଥାରେ କିଛି ଗୋଳମାଳ ଥିଲା, ମସ୍ତିଷ୍କ ଦୁର୍ବଳ ରହିଥିଲା ଅଥବା ବ୍ୟବହାରିକ କାର୍ଯ୍ୟଗୁଡ଼ିକ କ୍ଷେତ୍ରରେ ଅତ୍ୟନ୍ତ ଅସମର୍ଥ ହୋଇ ରହିଥିଲା ସେମାନେ ସେତିକିବେଳେ ଏହିଭଳି ସମ୍ପର୍କମାନ ସ୍ଥାପନ କରୁଥିଲେ ଅଥବା କରୁଛନ୍ତି ବୋଲି ଭାବୁଥିଲେ । ମୁଁ ମୋ' ବନ୍ଧୁମାନଙ୍କ ଭିତରୁ ଏଭଳି ଜଣକୁ ମଧ ଜାଣେ ନାହିଁ, ଯିଏକି ଏହିଭଳି ସମ୍ପର୍କ ସ୍ଥାପନ କରି ଆଦୌ କୌଣସି ପ୍ରକାରେ ଉପକୃତ ହୋଇ ପାରିଥିଲା । ବୟସ୍କମାନଙ୍କର ଭୋଟ ଦେବାର ଅଧିକାରକୁ ମୁଁ ସମ୍ପୂର୍ଣ୍ଣଭାବରେ ସମର୍ଥନ କରୁଛି ।... ବୟସ୍କ ଭୋଟାଧିକାର ପକ୍ଷରେ ଏକାଧିକ କାରଣ ରହିଛି ; ମୋ' ମତରେ ଗୋଟିଏ ମୀମାଂସକ କାରଣ ହେଉଛି ଯେ, ଏହାଦ୍ୱାରା ସମସ୍ତଙ୍କର ଆକାଂକ୍ଷାକୁ ନୁହେଁ, ମାତ୍ର ତଥାକଥିତ ଅସ୍ପୃଶ୍ୟମାନଙ୍କର, ଖ୍ରୀଷ୍ଟିଆନ ମାନଙ୍କର, ଶ୍ରମିକମାନଙ୍କର ଏବଂ ସବୁପ୍ରକାର ଶ୍ରେଣୀର ଆକାଂକ୍ଷାଗୁଡ଼ିକୁ ପୂରଣ କରିବାକୁ ସମର୍ଥ ହେବି । ମୁଁ ଏହି ମତଟିକୁ ଆଦୌ ଗ୍ରହଣ କରିପାରୁ ନାହିଁ ଯେ, ଜଣେ ବ୍ୟକ୍ତିର ଚରିତ୍ର ଥିବ, ମାତ୍ର ଧନ ନ ଥିବ କିମ୍ବା ସେ ସାକ୍ଷର ହୋଇ ନ ଥିବ ବୋଲି ସେ ଭୋଟ ଦେଇ ପାରିବ ନାହିଁ । ଅଥବା, ଯିଏ ମୁଣ୍ଡଝାଳ ତୁଣ୍ଡରେ ମାରି ଦିନରାତି ସଚ୍ଚୋଟ ଭାବରେ କାମ କରୁଛି, ସିଏ ଦରିଦ୍ର ବୋଲି ତାକୁ ଭୋଟ ଅଧିକାରରୁ ବଞ୍ଚିତ କରି ରଖାଯିବ ।

# କ୍ୟାନ୍‌ସର ଆଶଙ୍କା କମାଇବ ପରିବେଶ

ପ୍ରଦୂଷଣମୁକ୍ତ ପରିବେଶ ଆମ ସୁସ୍ଥ ଶରୀର ପାଇଁ କେତେ ଦାୟୀ ତାହା କହିବା ଅନାବଶ୍ୟକ । ହେଲେ ଆଜିକାଲି ପରିବେଶ ପ୍ରଦୂଷଣ ଅନ୍ୟତମ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସମସ୍ୟା ଭିତରେ କ୍ୟାନ୍‌ସର ବର୍ତ୍ତମାନ ଚିନ୍ତାର କାରଣ ସାଜିଛି । ନିକଟରେ ଏକ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିଜକୁ ଅଧିକାଂଶ ସମୟ ପ୍ରଦୂଷଣମୁକ୍ତ ବାୟୁମଣ୍ଡଳ ଭିତରେ ରଖନ୍ତି, ତେବେ ସେ ନିଜକୁ କ୍ୟାନ୍‌ସର ଠାରୁ କେତେକାଂଶରେ ଦୂରେଇ ରଖିପାରିବେ । 'କ୍ୟାନ୍‌ସର ଏବଂ ଉତ୍ତମ ପରିବେଶ' ଶୀର୍ଷକ ବିଷୟ ଉପରେ ବର୍ଲିନ ବିଶ୍ୱବିଦ୍ୟାଳୟର କ୍ୟାନସର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଏହି ସମୟରେ ସୁସ୍ଥ ପରିବେଶରେ ରହୁଥିବା କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତିଙ୍କ ଠାରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳିନ ଥିଲା । ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପ୍ରଦୂଷଣମୁକ୍ତ ବାୟୁମଣ୍ଡଳ ଆମ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ଗଠନ କରିବାରେ କେତେକାଂଶରେ ସହାୟକ ହୋଇଥାଏ ।

# ସ୍ୱର୍ବେଦ

**ନିଜ ସ୍ୱରୂପ ସେ ସୁକ୍ଷ୍ମ ମେଁ,**
**ଲକ୍ଷଣ ବନତା ଧ୍ୟାନ ।**
**ବ୍ୟକ୍ତ ରୂପ ମେଁ ନହୀଁ ବନେ, ଯହ**
**ଅନୁଭଓ୍ୱ ତତ୍ତ୍ୱ ଜ୍ଞାନ ॥୩୭॥**

ଭାଷ୍ୟ - ସ୍ଥୁଳ, ସୂକ୍ଷ୍ମ ପଦାର୍ଥରେ ଧ୍ୟାନ କରେ । ସେଥିପାଇଁ ଚେତନ ଆତ୍ମା ସହିତ ସୂକ୍ଷ୍ମ ପରଂବ୍ରହ୍ମଙ୍କ ଠାରେ ହିଁ ଧ୍ୟାନର ଲକ୍ଷଣ ଦେଖାଯାଏ । ସ୍ଥୁଳ, ସଶରୀର ବାହ୍ୟ ବ୍ୟକ୍ତ ବସ୍ତୁରେ ଧ୍ୟାନ ହୋଇପାରେ ନାହିଁ କାହିଁକି ନା ଏହା ଜଡ଼ ଏବଂ ସ୍ଥୁଳ ପଦାର୍ଥ ଅଟେ । ଏହା ହିଁ ନିର୍ଭ୍ରାନ୍ତ ଅନୁଭବର ତତ୍ତ୍ୱଜ୍ଞାନ ଅଟେ ।

**ଅନ୍ତରଙ୍ଗ ସାଧନ ଚଲେ, ଅନ୍ତର**
**ତର ମହଁ ଧ୍ୟାନ ।**
**ଶୁଦ୍ଧ ରୂପ ସେ ଧ୍ୟାନ ହୈ, ଜଡ଼**
**ସେ ନହିଁ ପରମାନ ॥୩୮॥**

ଭାଷ୍ୟ - ବ୍ରହ୍ମବିଦ୍ୟା ବିହଙ୍ଗମ ଯୋଗର ସାଧନା ଆତ୍ମାର ଆଭ୍ୟନ୍ତରରେ ଚାଲିଥାଏ, ତାହା ଦ୍ୱାରା ଭିତରେ ସୂକ୍ଷ୍ମ ପରଂବ୍ରହ୍ମଙ୍କର ଧ୍ୟାନ ହୋଇଥାଏ । ସମଗ୍ର ଦେହ ସଂଘାତରୁ ପୃଥକ୍ ହେବାପରେ ନିଜ ସ୍ୱରୂପର ଜ୍ଞାନ ହୋଇ ଧ୍ୟାନର ସାଧନା ହୋଇଥାଏ । ଜଡ଼ କରଣଗୁଡ଼ିକ ସହିତ ଚେତନ ପଦାର୍ଥର ଧ୍ୟାନ ହୋଇପାରେ ନାହିଁ ।

**ଅମତ ସନ୍ତ ସନ୍ମାର୍ଗ ମେଁ, ଚେତନ**
**ସାଧନ ହୋୟ ।**
**ଜ୍ଞାନ ସେ ଧ୍ୟାନ ସମାଧି ହୈ,**
**ଜଡ଼ ସାଧନ ନହିଁ କୋୟ ॥୩୯॥**


ଭାଷ୍ୟ - ପ୍ରାକୃତିକ ମାର୍ଗ ଠାରୁ ଭିନ୍ନ ବିହଙ୍ଗମ ଯୋଗର ମାର୍ଗ ଅଟେ ଯାହା ଦ୍ୱାରା ଚେତନ ସାଧନା ହୋଇଥାଏ । ଜଡ଼ କରଣରୁ କର୍ମ ହୋଇଥାଏ ଏବଂ ଆତ୍ମା ଦ୍ୱାରା ଜ୍ଞାନମାର୍ଗରେ ହିଁ ବିହଙ୍ଗମ ଯୋଗରେ ଧ୍ୟାନ ଆଉ ସମାଧି ହୋଇଥାଏ । ଏଥିରେ କୌଣସି ପ୍ରାକୃତିକ ସାଧନ ନ ଥାଏ । ବିହଙ୍ଗମ ମାର୍ଗ ଜ୍ଞାନମାର୍ଗ ଅଟେ । ଏଥିରେ କର୍ମ-ପ୍ରକୃତିର ସମ୍ବନ୍ଧ ହୋଇ ନ ଥାଏ । ପ୍ରକୃତି ଆଧାରରେ ଅସଙ୍ଗ ହୋଇ ଚିନ୍ମୟ ସ୍ୱରୂପରେ ଶୁଦ୍ଧ ଚିଦାକାଶରେ ଆତ୍ମିକ ଶକ୍ତି ଗମନ କରିଥାଏ ଆଉ ନିଜ ଉଦ୍ଦେଶ୍ୟ ସାଧିତ ହେବା ସାଂଗକୁ ଫଳପ୍ରାପ୍ତି ହୋଇଥାଏ । ସେଥିପାଇଁ ଏହି ଅନୁଭବ ବିଜ୍ଞାନମୟ ପଥକୁ ବିହଙ୍ଗମ ମାର୍ଗ କହନ୍ତି ।

**ଗୁଣନ ଜ୍ଞାନ ଆନନ୍ଦ ଓ୍ୱେ, ଧ୍ୟାତା**
**ମେଁ ଧ୍ୟେୟ ଆୟ ।**
**ଫଲ ସ୍ୱରୂପ ହୈ ଧ୍ୟାନ କା,**
**ସହଜ ସମାଧୀ ପାୟ ॥୪୦॥**

ଭାଷ୍ୟ - ବିହଙ୍ଗମ ଯୋଗ ସମାଧି ଦ୍ୱାରା ଧ୍ୟେୟର ଧ୍ୟାନ କଲେ, ତାହାର ଫଳସ୍ୱରୂପ ଧ୍ୟେୟର ଗୁଣ, ଜ୍ଞାନ ଆଉ ଆନନ୍ଦ ଧ୍ୟାତାକୁ ପ୍ରାପ୍ତ ହୋଇଥାଏ । ଏହା ଭକ୍ତିର ମହିମା ଅଟେ, ଯାହା ପ୍ରଭୁ ଭକ୍ତମାନଙ୍କୁ ପ୍ରାପ୍ତ ହୋଇଥାଏ ।

**ସ୍ଥିର ଶବ୍ଦ ଅଧାର ମେଁ,**
**ସଚ୍ଚିଦାନନ୍ଦ ସ୍ୱରୂପ ।**
**ଜିଓ୍ୱନ୍ମୁକ୍ତି ପଦ ପାଓ୍ୱଇ, ଗୟେ**
**ତ୍ରିଓ୍ୱିଧ ଦୁଖ ରୂପ ॥୪୧॥**

ଭାଷ୍ୟ - ସଚ୍ଚିଦାନନ୍ଦ ସ୍ୱରୂପ ଶବ୍ଦ ଆଧାରରେ ଯେତେବେଳେ ସ୍ଥିରତା




ଆସିଯାଏ, ସେତେବେଳେ ଜୀବନ୍ମୁକ୍ତ ଯୋଗୀର ପଦ ପ୍ରାପ୍ତ ହୁଏ ଆଉ ତ୍ରିବିଧ ତାପ ନଷ୍ଟ ହୋଇଯାଏ ଅର୍ଥାତ୍ ଜନ୍ମ ମରଣ ଦୁଃଖ ଛାଡ଼ିଯାଏ ।

**ରାଗ ଦ୍ୱେଷ ସେ ରହିତ ହୈ, ମନ**
**ମାୟା କର ତ୍ୟାଗ ।**
**ଯୋଗାଭ୍ୟାସ ସାଧନ ଚଲେ,**
**ସଦ୍‌ଗୁରୁ ପଦ ଅନୁରାଗ ॥୪୨॥**

ଭାଷ୍ୟ - ସଦ୍‌ଗୁରୁ ଚରଣରେ ପ୍ରେମ ଓ ରାଗ ଦ୍ୱେଷାଦିଶୂନ୍ୟ ହୋଇ ମନର ବିଷୟ ତରଙ୍ଗଗୁଡ଼ିକୁ ପରିତ୍ୟାଗ କରି ଯୋଗାଭ୍ୟାସ କରନ୍ତୁ ।

**ନାଡ଼ୀ ଅନ୍ତର ସୁଷମନା, ଦଶମ**
**ଦ୍ୱାର ଗଇ ପାର ।**
**ହୃଦୟ ସୁଷମନା ଓ୍ୱାସ ହୈ,**
**ଆତମ ଶବ୍ଦ ଅଧାର ॥୪୩॥**

ଭାଷ୍ୟ - ସୁଷୁମ୍ନା ନାଡ଼ି ସବୁଠାରୁ ସୂକ୍ଷ୍ମ ଅଟେ ଯାହା ଦଶମ ଦ୍ୱାରଦେଇ ବାହାରକୁ ଯାଇଛି । ସୁଷୁମ୍ନାର ସ୍ଥାନ ହୃଦୟରେ ରହିଛି ଯାହାଦ୍ୱାରା ଆତ୍ମା ବାହାରକୁ ଯାଇ ଭେଦମାର୍ଗରୁ ଶବ୍ଦାଧାରକୁ ଧରି ମୁକ୍ତିଲାଭ କରିଥାଏ ।

**ନାସାପୁଟ ଓ୍ୱାୟୁ ଚଲେ, ଇଙ୍ଗଲା**
**ପିଙ୍ଗଲା ଧାର ।**
**ଯୋଗୀ ମେଁ ସୁଷମନ ଖୁଲେ, ଯୁକ୍ତି**
**କୁଣ୍ଡଲୀ ମାର ॥୪୪॥**

ଭାଷ୍ୟ - ଦୁଇ ନାସା ରନ୍ଧ୍ରରୁ ଇଙ୍ଗଳା ପିଙ୍ଗଳା ପ୍ରବାହିତ ହୋଇଥାଏ ଆଉ ଯୋଗୀ ନିକଟରେ ଯୋଗ ଯୁକ୍ତିରେ କୁଣ୍ଡଳିନୀ ଟଳିଯିବା ପରେ ସୁଷୁମ୍ନା ପ୍ରବାହ ହୋଇଥାଏ ।

**ଔଧେ କୁମ୍ଭ ନ ଜଲ ଭରେ,**
**ଭରତ ଉର୍ଦ୍ଧ୍ୱ ମୁଖ ହୋୟ ।**
**ଗଗନ ଉଡ଼େ ନହିଁ ଏକ ପଗ,**
**ତ୍ୟାଗ ଭୂମି ଉଡ଼ ସୋୟ ॥୪୫॥**

ଭାଷ୍ୟ - ଜଳରେ ଓଲଟା ରହିଥିବା ମାଠିଆ ଭରେ ନାହିଁ । ମାଠିଆର ମୁହଁକୁ ଉପରକୁ କଲେ ହିଁ ମାଠିଆରେ ପାଣି ପ୍ରବେଶ କରିଥାଏ । ଗୋଟିଏ ଡେଣାରେ ଆକାଶରେ ଉଡ଼ି ହୁଏ ନାହିଁ, ଯାହାର ଦୁଇପାଦ ପୃଥିବୀକୁ ଛାଡ଼ିଦେବ ସେ ଆକାଶକୁ ଉଡ଼ି ପାରିବ । ଆତ୍ମାର ଶକ୍ତି ଯେତେବେଳ ପର୍ଯ୍ୟନ୍ତ ପ୍ରକୃତିମୁଖୀ ହୋଇ ବାହ୍ୟ ଜଗତରେ ରହେ, ସେତେବେଳ ପର୍ଯ୍ୟନ୍ତ ପରଂବ୍ରହ୍ମ ସତ୍ତାର ଆନନ୍ଦ ଉପଲବ୍ଧି କରିପାରେ ନାହିଁ । ଉର୍ଦ୍ଧ୍ୱ ଚେତନ ହେବା ପରେ ହିଁ ଆତ୍ମାରେ ବ୍ରହ୍ମରସ ପ୍ରବାହିତ ହେବ । ଇତଃସ୍ତତ ଆତ୍ମାର ଶକ୍ତି ଉର୍ଦ୍ଧ୍ୱକୁ ଉନ୍ନୀତ ହୋଇ ପାରେନାହିଁ । ସେଥିପାଇଁ ଯୋଗ ସାଧନା ଦ୍ୱାରା ଯେତେବେଳେ ଆତ୍ମା ନିଜର ସମସ୍ତ ଚେତନ ଶକ୍ତିକୁ ସମଗ୍ର ଦେହ ସଂଘାତରୁ ବିଚ୍ଛିନ୍ନ କରି ଶୁଦ୍ଧ ଚେତନ ଆକାଶକୁ ଉଠିଯାଏ, ସେତେବେଳେ ନିଜର ଅଭଲକ୍ଷିତ ଲକ୍ଷ୍ୟ ଶବ୍ଦାନନ୍ଦଙ୍କୁ ପ୍ରାପ୍ତକରି ଜନ୍ମ ମରଣ ଦୁଃଖରୁ ମୁକ୍ତି ଲାଭକରେ ।

**ଚକମକ ପତ୍ଥରୀ ସୂର୍ଯ୍ୟମୁଖ,**
**ଅଗିନ ବରେ ତେହି ଆୟ ।**
**ପୃଷ୍ଟ ଭାନୁ ଧଧକେ ନହିଁ, ତିମି**
**ତତ୍ତ୍ୱ ଜ୍ଞାନ ଜଗାୟ ॥୪୬॥**

ଭାଷ୍ୟ - ଚକମକି ପଥରକୁ ସୂର୍ଯ୍ୟ ଆଡ଼କୁ ମୁହଁ କଲେ ଅଗ୍ନିସ୍ଫୁଲିଙ୍ଗ ବାହାରିବା ଭଳି ଲାଗେ, ମାତ୍ର ତାହାର ବିପରୀତ ପୃଷ୍ଠମୁଖ କଲେ ସେପରି ହୁଏନାହିଁ । ସେହି ପ୍ରକାର ଆତ୍ମାର ମୁଖ ପରଂବ୍ରହ୍ମ ଆଡ଼କୁ କଲେ ଆତ୍ମାର ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇ ପୂର୍ଣ୍ଣଜ୍ଞାନ ପ୍ରକାଶ ଉଦୟ ହୁଏ ।

**ମୈଲେ ପଟ ପର ରଙ୍ଗ ଜୌଁ,**
**କେସର ଅଓ୍ୱର ଗୁଲାବ ।**
**ଚଢ଼ତ ନ ଶୋଭା ପାଓ୍ୱଇ, ତୌଁ**
**ତତଭେଦ ପ୍ରଭାଓ୍ୱ ॥୪୭॥**

ଭାଷ୍ୟ - ମଇଳା କପଡ଼ାରେ କେଶର ଆଉ ଗୋଲାପର ରଙ୍ଗ ଚଢ଼େ ନାହିଁ, ନା ଏହା ସୁନ୍ଦର ଏବଂ ସୁଶୋଭିତ ଦେଖାଯାଏ । ଏତାଦୃଶ, ଅଜ୍ଞାନୀ ଏବଂ ବିଷୟୀ ଜୀବମାନଙ୍କ ଉପରେ ସଦ୍‌ଗୁରୁଙ୍କର ପ୍ରକାଶର କୌଣସି ପ୍ରଭାବ ପଡ଼େନାହିଁ । ଅଧିକାରୀ ସୁପାତ୍ର ଶୁଦ୍ଧାତ୍ମାଗଣ ହିଁ ବ୍ରହ୍ମବିଦ୍ୟାର ପବିତ୍ର ପରିଣାମକୁ ପ୍ରାପ୍ତ ହୋଇ ଆନନ୍ଦିତ ହୋଇଥାନ୍ତି ।

**ପରେ ଅଗିନ ପରଜ୍ୱଲିତ ମେଁ,**
**ଲୋହା ଅଗିନ ସ୍ୱରୂପ ।**
**ପୃଥକ ରହେ ହୋଓ୍ୱେ ନହିଁ, ତିମି**
**ଜିଓ୍ୱ ବ୍ରହ୍ମ ସ୍ୱରୂପ ॥୪୮॥**

ଭାଷ୍ୟ - ପ୍ରଜ୍ୱଳିତ ନିଆଁରେ ଲୁହାକୁ ନିକ୍ଷେପ କଲେ ତାହା ଅଗ୍ନିସ୍ୱରୂପ ହୋଇଯାଏ । ଦୁହେଁ ଭିନ୍ନ ଭିନ୍ନ ବସ୍ତୁ ହୋଇଥିଲେ ସୁଦ୍ଧା ଲୁହା ଅଗ୍ନିସ୍ୱରୂପ ହୋଇଯାଏ । ଠିକ୍ ସେହିପରି ଯୋଗାଗ୍ନିରେ ଜୀବ ବ୍ରହ୍ମଙ୍କର ସମ୍ବନ୍ଧରୁ, ତାଙ୍କର ଉପାସନା କରି ସେହିଭଳି ସ୍ୱରୂପକୁ ଧାରଣ କରିଥାଏ ।

**ଚୁମ୍ବକ ଲୋହା ଖୀଁଚଈ, ଧରତ**
**ଅକର୍ଷଣ ପାୟ ।**
**ସୀମା ସେ ବାହର ରହୈ, ଲୋହା**
**ଖୀଁଚ ନ ଜାୟ ॥୪୯॥**

ଭାଷ୍ୟ - ଚୁମ୍ବକ ନିଜ ଆକର୍ଷଣର ସୀମା ଭିତରେ ହିଁ ଲୁହାକୁ ଟାଣିପାରେ । ସୀମାରୁ ବାହାରି ଗଲେ ଲୁହାକୁ ଟାଣିପାରେ ନାହିଁ ।

**ପାରଶ ମଣି ଅସ୍ପର୍ଶ ସେ, ଲୋହା**
**କଞ୍ଚନ ହୋୟ ।**
**ଅନ୍ତର ସୁକ୍ଷମ ଭେଦ ମେଁ, କଞ୍ଚନ**
**ଲୋହ ନ ହୋୟ ॥୫୦॥**

ଭାଷ୍ୟ - ପାରସ ମଣିର ସ୍ପର୍ଶ ଲାଭକରି ଲୁହା ସୁନାରେ ପରିଣତ ହୁଏ । ମାତ୍ର ସେଥିରେ ସୂକ୍ଷ୍ମ ପରଦା ଥିବାରୁ ଲୁହା କାଞ୍ଚନ ହୋଇ ପାରେନାହିଁ । ଆତ୍ମାର ଭିତରେ ସୂକ୍ଷ୍ମ ପ୍ରାକୃତିକ ମଇଳା ଥିବାରୁ ତା ଭିତରେ ଶୁଦ୍ଧଜ୍ଞାନ ଆଉ ଦିବ୍ୟ-ପ୍ରକାଶ କଦାପି ହୋଇପାରେ ନାହିଁ ।

**ମଲୟାଗିର ଓ୍ୱାୟୁ ଲଗେ, ଓ୍ୱୃକ୍ଷ**
**ଗନ୍ଧ ରସ ଗୋୟ ।**
**ଦୁର ପରଦା ଲାଗେ ନହିଁ, ଦୋଷ**
**କଓ୍ୱନ କର ହୋୟ ॥୫୧॥**

ଭାଷ୍ୟ - ମଳୟ ଗିରିରୁ ପ୍ରବାହିତ ପବନର ସଂସ୍ପର୍ଶରେ ଅନ୍ୟ ବୃକ୍ଷରାଜି ମଧ୍ୟ ସୁଗନ୍ଧିତ ହୋଇଯାଆନ୍ତି । ମାତ୍ର ଦୂରରେ ଥିବା ବୃକ୍ଷକୁ ମଳୟ ଗିରିର ପବନ ସ୍ପର୍ଶ କରିପାରେ ନାହିଁ । ଯାହା ଫଳରେ ସେମାନେ ସେମିତି ରହିଯାଆନ୍ତି । ଦୂରତା ଏବଂ ପରଦା ଥିବାରୁ ସେଗୁଡ଼ିକୁ ବାୟୁ ଛୁଇଁପାରେ ନାହିଁ । ମାତ୍ର ଏହାକୁ ମଳୟ ଗିରିର ଗୁଣରେ ତ୍ରୁଟି ବୋଲି ଅଭିହିତ କରାଯାଇ ପାରିବ ନାହିଁ ।

**ମେଁହଦୀ କେ ପଓ୍ୱେ ଛିପୀ, ହରେ**
**ପଓ୍ୱେ ମେଁ ଲାଲ ।**
**ଯୁକ୍ତି ହାଥ ପର ଉତରେ, ତୌଁ**
**ହରି ପ୍ରକଟ କୃପାଲ ॥୫୨॥**

ଭାଷ୍ୟ - ମଂଜୁଆତିର ସବୁଜ ପତ୍ରରେ ନାଲି ରଂଗ ଲୁକ୍କାୟିତ ଥାଏ, କିନ୍ତୁ ତାକୁ ଘଷିବା ଦ୍ୱାରା ତା'ର ଲାଲିମା ହାତରେ ଲାଗିଯାଏ । ସେହିଭଳି ସର୍ବତ୍ର ବ୍ୟାପକ ପ୍ରଭୁଙ୍କୁ ଯୋଗ ଯୁକ୍ତିରେ ପ୍ରତ୍ୟକ୍ଷ ଅନୁଭବ ଦ୍ୱାରା ଜ୍ଞାନ, ଆନନ୍ଦ ଓ ଶାନ୍ତି ପ୍ରାପ୍ତି ହୋଇଥାଏ । ପରମ ପ୍ରଭୁ ଯୋଗ ସାଧନା ଦ୍ୱାରା ଆତ୍ମାକୁ ପ୍ରତ୍ୟକ୍ଷ ହୋଇଥାନ୍ତି ଆଉ ଯୋଗୀ ପ୍ରକଟ ଅନୁଭବ କରି ପରମାନନ୍ଦରେ ନିମଗ୍ନ ହୋଇଯାଏ ।

**ଗୁପ୍ତ ଅଗିନ ହୈ କାଷ୍ଟ ମେଁ, ପ୍ରକଟ**
**ଘିସେ ସେ ହୋୟ ।**
**ସର୍ଓ୍ୱଓ୍ୱାପୀ ଅନ୍ତର କଶା, ପ୍ରକଟ**
**ସାଧନା ସୋୟ ॥୫୩॥**

ଭାଷ୍ୟ - କାଠକୁ ଘଷିଲେ ସେଥିରେ ଗୁପ୍ତ ଭାବରେ ଲୁକ୍କାୟିତ ଥିବା ଅଗ୍ନି ପ୍ରକଟିତ ହୁଏ । ସେହି ପ୍ରକାର ସର୍ବବ୍ୟାପୀ ପରମ ପୁରୁଷ ଯୋଗ ସାଧନର ପୁରୁଷାର୍ଥରୁ ଆତ୍ମାରେ ପ୍ରକଟ ହୁଅନ୍ତି ।

**ଘୃତ ଦୁଗ୍ଧ ମେଁ ମିଲ ରହା, ମଥନ**
**ପ୍ରକଟ ଭୟ ସୋୟ ।**
**ରୋମ-ରୋମ ପୂରଣ କଶା,**
**ଅନୁଭଓ୍ୱ ସାଧନ ହୋୟ ॥୫୪॥**

ଭାଷ୍ୟ - ଦୁଗ୍ଧକୁ ମନ୍ଥନ କରିବା ଦ୍ୱାରା ସେଥିରେ ମିଶିଥିବା ଘୃତ ପ୍ରକଟ ହୋଇଥାଏ । ସେହିଭଳି ନାମଧନୀ, ବ୍ୟାପକ ଶବ୍ଦ, ଯୋଗ ସାଧନା ଦ୍ୱାରା ରୋମ ରୋମରେ ପ୍ରକଟ ଅନୁଭବ ହୋଇଥାନ୍ତି ।

**ପୁଷ୍ପ ଓ୍ୱାସନା ମିଲ ରହୀ, ଯୁକ୍ତି ସେ**
**ହୋୟ ଫୁଲେଲ ।**
**ବ୍ୟାପ୍ତ ସକଲ ବ୍ରହ୍ମାଣ୍ଡ ମେଁ,**
**ଅନୁଗମ ଗତି ଭୟ ମେଲ ॥୫୫॥**

ଭାଷ୍ୟ - ତୈଳ ସହ ଯୁକ୍ତହେଲେ ଫୁଲରେ ରହିଥିବା ସୁଗନ୍ଧ ତୈଳରେ ଆସିଯାଏ । ସେହି ପ୍ରକାର ସମସ୍ତ ବ୍ରହ୍ମାଣ୍ଡରେ ବ୍ୟାପକ ପ୍ରଭୁ ଯୋଗ-ଯୁକ୍ତିରେ ପ୍ରଯତ୍ନ କରିବା ପରେ ପ୍ରାପ୍ତ ହୋଇଥାନ୍ତି ।

## ବଡ଼ ଉପକାରୀ ସୈନ୍ଧବ ଲବଣ

ଦିନ ସାରା କାମ କରି ଥକି ପଡ଼ିବାକୁ ଏପଟେ ପାଟି ଦୁର୍ଗନ୍ଧ । ଏମିତି ବହୁ ସମସ୍ୟାର ଗୋଟିଏ ସମାଧାନ ରହିଛି ସୈନ୍ଧବ ଲବଣରେ । ସୈନ୍ଧବ ଲବଣରେ ଆଇରନ, କ୍ୟାଲସିୟମ, ପଟାସିୟମ, ଜିଙ୍କ ପ୍ରଚୁର ମାତ୍ରାରେ ରହିଥାଏ । ସବୁଠୁ ବଡ଼କଥା ହେଉଛି ଏହି ଲୁଣରେ ଭେଜାଲ ନ ଥାଏ କି କୌଣସି ରାସାୟନିକ ପଦାର୍ଥ ମିଶିନ ଥାଏ, ତେଣୁ ଏହା ଦେହପାଇଁ ଏକଦମ ସୁରକ୍ଷିତ ।



ଦିନସାରାର ଅକ୍ଲାନ୍ତ ପରିଶ୍ରମ ପରେ ଆପଣ ବଡ଼ିକୁ ରିଲାକ୍ସ ଏବଂ ରିଫ୍ରେଶ କରିବାକୁ ଚାହୁଁଥିଲେ ଗାଧୋଇବା ପାଣିରେ ସୈନ୍ଧବ ଲବଣ ମିଶାନ୍ତୁ କିମ୍ବା ହାଲକା ଭାବେ ଏହାକୁ ବଡ଼ିରେ ମସାଜ କରିବା ସହିତ ଉଷୁମ ପାଣିରେ ଗାଧୋଇ ପଡନ୍ତୁ । ଆପଣଙ୍କୁ ଦୁଇଆଡୁ ରିଫ୍ରେଶ୍ ଲାଗିବ ।

ସୈନ୍ଧବ ଲବଣ ବଡ଼ିକୁ ରିଫ୍ରେଶ କରିବା ସହିତ ଏହା ମଧ ବ୍ଲଡ ପ୍ରେସରକୁ କଣ୍ଟ୍ରୋଲ କରିଥାଏ । ଏହା ବଡିକୁ ଡିଟକ୍ସିଫାଇ କରିଥାଏ । ଆପଣ ଲୁଣକୁ ପାଣିରେ ମିଶାଇ କିମ୍ବା ଲସିରେ ପକାଇ ପିଅନ୍ତୁ । ଏଥିରେ ରହିଥିବା ଆବଶ୍ୟକ ମିନେରାଲ୍ସ ଆପଣଙ୍କ ଇମ୍ୟୁନିଟି ସିଷ୍ଟମକୁ ସୁଧାରିବା ସହିତ ଡାଇଜେସନ ସମ୍ବନ୍ଧୀୟ ରୋଗ ମଧ ଦୂର କରିଥାଏ ।

ସୈନ୍ଧବ ଲବଣ ଦ୍ୱାରା ଆପଣଙ୍କ ଦାନ୍ତକୁ ଚିକମିକ କରିବା ସହିତ ଏହା ମଧ ଭଲ ମାଉଥ ଫ୍ରେଶନର ଭାବେ କାମ କରିଥାଏ । ଯେବେ ବି ଆପଣଙ୍କର ଗଳା ଖରାପ ହେଉଛି ତ ସୈନ୍ଧବ ଲବଣ ପାଣିରେ ଗର୍ଗଲିଂ କରନ୍ତୁ ଉପଶମ ଲାଗିବ ।

## ଟିକିଏ ହସନ୍ତୁ

ପୁଅ ବିଷୟରେ ବାପା ଶିକ୍ଷକଙ୍କୁ ପଚାରୁଛନ୍ତି : ମୋ ପୁଅ ପାଠପଢ଼ାରେ କେମିତି ?
ଶିକ୍ଷକ : କ'ଣ ଆଉ କହିବି । ମତେ ତ ଲାଗେ ଆର୍ଯ୍ୟଭଟ ଶୁନର ଉଦ୍ଭାବନ ଆପଣଙ୍କ ପୁଅ ପାଇଁ କରିଛନ୍ତି ।

× × ×

ଚଗଲା ମା'କୁ : ମା' ଆଜି ମୋ ସାଙ୍ଗ ରାଜୁ ଆସିବ ଘରକୁ । ସବୁ ଖେଳଣା ଲୁଚେଇ ଦିଅ ।
ମା' : କାହିଁକି ? ସିଏ କ'ଣ ଚୋରି କରେ କି ?
ଚଗଲା : ନାଇଁ ମା, ସିଏ ତା' ଖେଳଣା କୋଉଟା ଚିହ୍ନିଯିବ ।

× × × × ×

ଶିକ୍ଷକ ପପୁକୁ : ମାଙ୍କଡ଼କୁ ହିନ୍ଦୀରେ କ'ଣ କହନ୍ତି ?
ପପୁ (କିଛି ସମୟ ଏପଟ ସେପଟ ଚାହିଁବା ପରେ) : ସାର୍, ବନ୍ଦର୍ ।
ଶିକ୍ଷକ : ବହି ଦେଖିକି କହିଲୁନା ?
ପପୁ : ନାଇଁ ସାର୍ ମୁଁ ଆପଣଙ୍କ ମୁହଁ ଦେଖି କହିଲି ।



× × × ×

ଗର୍ଲଫ୍ରେଣ୍ଡ : ମୋ ମୋବାଇଲ ଚୋରି ହୋଇଗଲା ।
ବଏଫ୍ରେଣ୍ଡ : ସତରେ ।
ଗର୍ଲଫ୍ରେଣ୍ଡ : ଯେଉଁ ଲୋକ ଚୋରି କରେ ତା'କୁ ଜୀବନସାରା ଭୋଗିବାକୁ ପଡିଥାଏ ।
ବଏଫ୍ରେଣ୍ଡ : ଠିକ୍ କହିଛ ମୁଁ ୪ ବର୍ଷ ତଳେ ତୁମର ହୃଦୟ ଚୋରି କରିଥିଲି, ଏବେ ପର୍ଯ୍ୟନ୍ତ ଭୋଗୁଛି ।

× × × × ×

ସ୍ୱାମୀ ରାତିସାରା ବାହାରେ ଥିଲା । ସକାଳେ ଘରକୁ ଫେରିଲା ।
ସ୍ତ୍ରୀ : ଏବେ ସକାଳ ସାତଟା ବାଜିଲାଣି କ'ଣ ପାଇଁ ଆସିଛ ?
ସ୍ୱାମୀ : ସକାଳେ କ'ଣ ପାଇଁ ଆସନ୍ତି ବ୍ରେକଫାଷ୍ଟ କରିବା ପାଇଁ ନା ।
ସ୍ତ୍ରୀ : ବ୍ରେକଫାଷ୍ଟରେ ଝାଡୁ, ବେଲଣା କାଠି, ରୁଟି ସେକା ଅଛି । କ'ଣ ଖାଇବ କୁହ ?

× × × × ×

ଜ୍ୱାଇଁ : ବାପା ଆପଣଙ୍କ ଝିଅ ଯେବେଠାରୁ ଆମ ଘରକୁ ଗଲାଣି ମୋ ମୁଣ୍ଡ ଖାଇ ସାରିଲାଣି ।
ଶଶୁର : ପୁଅ ମୋ ବିଷୟରେ ଟିକେ ଭାବ ମୋ ପାଖରେ ତ ତା'ର ମା ଅଛି ।

× × × × × ×

ସ୍ୱାମୀ : ଜାନୁ ତୁମେ ଦିନକୁ ଦିନ ସୁନ୍ଦର ହୋଇଯାଉଛ ।
ସ୍ତ୍ରୀ : ତୁମେ କେମିତି ଜାଣିଲ ?
ସ୍ୱାମୀ : କାରଣ ତୁମକୁ ଦେଖି ରୁଟି ବି ଜଳିଯାଉଛି ।

# ଦେବଦାରୁ ବୃକ୍ଷର ଉପକାରିତା

ଦେବଦାରୁ ଔଷଧୀୟ ଗୁଣ ଗୁଡିକରେ ପରିପୂର୍ଣ୍ଣ ଏକ ବୃକ୍ଷ । ମହର୍ଷି ଚରକ ଏହାକୁ ସ୍ତନ୍ୟଶୋଧନ ଓ ଅନୁବାସନୋପମ (ତୈଳୀୟ ଏନିମା ରୂପେ ବର୍ଗୀକୃତ ବୃକ୍ଷ ସମୂହ) କହିଛନ୍ତି । ମହର୍ଷି ସୁଶ୍ରୁତ ବାତଶମନ ଗୁଣ ଅନ୍ତର୍ଗତ ଏହାର ଗଣନା କରିଛନ୍ତି । ବେଦନାନାଶକ ଔଷଧୀଗୁଡ଼ିକ ଅନ୍ତର୍ଗତ ଏହାର ଗଣନା କରାଯାଇଛି, ଯାହା ଆଶ୍ଚର୍ଯ୍ୟଜନକ ରୂପେ ବେଦନା ପୀଡାହରଣ କରିଥାଏ ।

ଦେବଦାରୁ ମୁଖ୍ୟତଃ ବାତଶାମକ ଓ ବେଦନାଶାମକ ହେବା ଯୋଗୁଁ ବାତ ରୋଗରେ ଉପଯୋଗୀ ହୋଇଥାଏ । ଜୀର୍ଣ୍ଣ ସନ୍ଧିବାତ, ଆମବାତ, ଗୃଧ୍ରସୀ(ସାଇଟିକା), ମୁଣ୍ଡବିନ୍ଧା ଆଦି ବାୟୁ ରୋଗରେ ଏହା ହିତକାରୀ । ସନ୍ଧିବାତରେ ଶୋଥ ଓ ବେଦନାକୁ ଦୂର କରିବା ପାଇଁ ଏହାର ବାହ୍ୟ ପ୍ରୟୋଗ କରାଯାଇପାରେ । ଏହାର ତେଲ ଉତ୍ତମ ବାତଶାମକ ହୋଇଥାଏ । ଉଷ୍ଣ ହେବା ଯୋଗୁଁ ଦେବଦାରୁ ଗର୍ଭାଶୟର ଶୋଧନ କରିଥାଏ ତଥା ତିକ୍ତ ହେବା ଯୋଗୁଁ ସ୍ତନ୍ୟର ମଧ ଶୋଧନ କରିଥାଏ । ଏଣୁ ସୂତିକା ରୋଗ ଗୁଡ଼ିକରେ ଏହା ପ୍ରଶସ୍ତ ଔଷଧୀ ଅଟେ । ବାତ-କଫ ଜ୍ୱରରେ ମଧ ଏହା ଲାଭଦାୟକ । ଝାଳ ବୁହାଇବା ଓ ପାଚନ ଗୁଣ ଥିବା ଯୋଗୁଁ ସାମ(ଆମଯୁକ୍ତ) କଫଜ୍ୱର ଓ ସାମ (ଆମଯୁକ୍ତ) ବାତଜ୍ୱରରେ ମଧ ଏହାର ଉପଯୋଗ କରାଯାଏ ।

ସ୍ନିଗ୍ଧ, ତିକ୍ତ ଓ ସୁଗନ୍ଧିତ ହେବା କାରଣରୁ ଏହା ଶ୍ୱାସନ ସଂସ୍ଥାନର ରୋଗଗୁଡ଼ିକରେ କଫକୁ ବାହାର କରିଥାଏ ତଥା କଫର ଦୁର୍ଗନ୍ଧ ଦୂର କରିଥାଏ । ଉତ୍ତେଜକ ହୋଇଥିବାରୁ ଏହା ହୃଦୟ ଦୌର୍ବଲ୍ୟ ତଥା ରକ୍ତବିକାରରେ ଲାଭପ୍ରଦ



ହୋଇଥାଏ । ଚର୍ମ ରୋଗରେ ଏହାର ତେଲକୁ ଲଗାଯାଏ । ଉଦର ରୋଗ ଗୁଡ଼ିକରେ ଏହା ପ୍ରଭାବଶାଳୀ ତଥା ପାଚନ ସଂସ୍ଥାନର ରୋଗ ଗୁଡ଼ିକରେ ହିତକାରୀ ହୋଇଥାଏ । ଶାରଙ୍ଗଧର ସଂହିତାରେ ଏହାକୁ ବାତବ୍ୟାଧ, ଗ୍ରହଣୀ, ମଳକଣ୍ଟକ, ମୂତ୍ରକୃଚ୍ଛ୍ର, କୁଷ୍ଠ ଆଦି ରୋଗରେ ଲାଭକାରୀ କୁହାଯାଇଛି । ଏହା ସହିତ ମୁଣ୍ଡବିନ୍ଧା, ମୁଣ୍ଡ, ମୁଖ, ନାକ, କାନ, ଗଳାର ରୋଗଗୁଡ଼ିକରେ ଏହା ହିତକର ଅଟେ । ୟୁନାନୀ ମତରେ ଏହାର ପତ୍ର ଫୁଲା ଓ କ୍ଷୟଜନିତ ଗଳଗ୍ରନ୍ଥି ଉପରେ ଲେପ ଦେବା କାମରେ ଲାଗିଥାଏ । ଏହାର କାଠ ଶାନ୍ତିଦାୟକ, ପେଟର ଫୁଲା ଦୂରକାରୀ ତଥା କଫ ନିଃସାରକ ହୋଇଥାଏ । ଏହା ଗଣ୍ଠିବାତ, ସନ୍ଧି ବାତ, ମଳକଣ୍ଟକ, ବୃକ୍କ ଓ ମୂତ୍ରାଶୟ ପଥୁରି, ପକ୍ଷାଘାତ, ମଳଦ୍ୱାର ବାହାରି ଆସିବା ରୋଗରେ ଉପଯୋଗୀ । ଏହାର ତେଲ ବେଦନା ଦୂରକାରୀ ଓ ଜ୍ୱରନାଶକ, ଯାହା ଆଘାତ, ସନ୍ଧିପୀଡା, କ୍ଷୟଜନିତ ଗ୍ରନ୍ଥି ଓ ଚର୍ମରୋଗ ଗୁଡ଼ିକରେ ଉପଯୋଗୀ ହୋଇଥାଏ । ଏହା ଅତିରିକ୍ତ ଦେବଦାରୁକୁ ଗୋଦରା ଗୋଡ, ଜଂଘ ନିର୍ଜୀବ ହୋଇଯିବା ପରି ଲାଗିବା, ଫୁଲା, ଗଳଗଣ୍ଡ, ମାଛି ଫୁଲା, ମୁଣ୍ଡବିନ୍ଧା, ସନ୍ଧିବାତ, ଚର୍ମରୋଗ, ଅଣ୍ଡବୃଦ୍ଧି, ହୃଦ୍‌ରୋଗ, ଛାତି ଦରଜ, ଫୁଲା, ହାକୁଟି, କାଶ, ଅଜୀର୍ଣ୍ଣ, ଜଳୋଦର, ମେଦବହୁଳତା, ସନିପାତ, ପ୍ରମେହ, ସାଇଟିକା, ସାଇନସ ଓ ବିଭିନ୍ନ ପ୍ରକାର ଜ୍ୱରରେ ଔଷଧୀ ମିଶ୍ରଣ ସହିତ କ୍ୱାଥ, ଚୂର୍ଣ୍ଣ, ଅରିଷ୍ଟ, ଆସବ, ଘୃତ, କଳ୍କ, ଲେପ, ଅଞ୍ଜନ, ତେଲ ଆଦି ରୂପେ ଗ୍ରହଣ କରାଯାଇପାରେ, କିନ୍ତୁ ଏ ସନ୍ଦର୍ଭରେ ଉଚିତ ଚିକିତ୍ସକୀୟ ପରାମର୍ଶ ଆଧାରରେ ହିଁ ଏହାର ଉପଯୋଗ କରିବା ଠିକ୍ ହୋଇଥାଏ ।

# ସୌନ୍ଦର୍ଯ୍ୟ ବଢ଼ାଇବ ଭୁର୍ସୁଙ୍ଗ ପତ୍ର

ସୁନ୍ଦର ଦେଖାଯିବା ପାଇଁ ଆମେ ଅନେକ ବ୍ୟୁଟି ପ୍ରଡକ୍ଟ ଆପଣାଇଥାଉ ଏବଂ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥାଉ । କିନ୍ତୁ ଆପଣ ଜାଣନ୍ତି କି କିଛି ଘରୋଇ ଉପାୟରେ ମଧ ଆପଣ ଚମକଦାର ତ୍ୱଚା ପାଇପାରିବେ । ସୌନ୍ଦର୍ଯ୍ୟମୟ ତ୍ୱଚାର ଅଧିକାରୀ ହେବା ପାଇଁ ଭୁର୍ସୁଙ୍ଗ ପତ୍ର ରାମବାଣ ପରି କାର୍ଯ୍ୟ କରିଥାଏ । ଭୁର୍ସୁଙ୍ଗ ପତ୍ରକୁ ବାଟି ଏହି



ବଟାକୁ ଚେହେରାରେ ଲଗାଇଲେ ମୁହଁରୁ ବ୍ରଣ ସମସ୍ୟା ଦୂର ହୋଇଥାଏ । ଏହି ପତ୍ରର ପ୍ରୟୋଗ ଫଳରେ ଚେହେରା ଅଧିକ ଚମକଦାର ହୋଇଥାଏ । ଶରୀରରେ ଭୁର୍ସୁଙ୍ଗ ପତ୍ରର ପେଷ୍ଟ ମାଲିସ୍ କରିବା ଦ୍ୱାରା ଅଳ୍ପାପଣ ଦୂର ହୋଇଥାଏ ।

କେବଳ ଚେହେରା ନୁହଁ ଭୁର୍ସୁଙ୍ଗ ପତ୍ରର ଚୂର୍ଣ୍ଣକୁ ମୁଣ୍ଡରେ ତେଲ ମିଶାଇ ମାଲିସ୍ କଲେ ଚୁଟି ଉପୁଡ଼ିବା ସମସ୍ୟାରୁ ମଧ ଉପଶମ ମିଳିବା ସହ ଚୁଟି ସିଲ୍କି ହୋଇଥାଏ ।

# ଧଳା ଜହର ଲୁଣ

ଲୁଣ ଆମର ଦୈନନ୍ଦିନ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଂଶ । କେବଳ ସ୍ୱାଦ ପାଇଁ ନୁହେଁ, ସ୍ୱାସ୍ଥ୍ୟ ପାଇଁ ମଧ ଏହା ଏକାନ୍ତ ଆବଶ୍ୟକ । ଲୁଣ ଆମ ଶରୀରରେ ତରଳ ପଦାର୍ଥ ଏବଂ ବୈଦ୍ୟୁତିକ ଦ୍ରବଣର ଭାରସାମ୍ୟ ରକ୍ଷା କରିବା ସହ ସ୍ନାୟୁ ସଙ୍କେତ ପ୍ରେରଣ କରିଥାଏ । ତେବେ ଏହା ପ୍ରତି ଆମର



ଆକର୍ଷଣ ଏତେ ବଢ଼ିଯାଇଛି ଯେ, ଆମେ ଅଧିକାଂଶ ଖାଦ୍ୟରେ ଏହାକୁ ମାତ୍ରାଧିକ ଭାବେ ବ୍ୟବହାର କରିବାରେ ଲାଗିଛି । ଫଳରେ ଶରୀର ପାଇଁ ମଙ୍ଗଳକର ହୋଇଥିବା ଲୁଣର ସର୍ବାଧିକ ମାତ୍ରା ଏକ ଚତୁର୍ଥାଂଶ ଚାମଚ ପରିମାଣ ଅତିକ୍ରମ କରିଯାଉଛି । ପରିମାଣ ସ୍ୱରୂପ 'ଅତି ସର୍ବତ୍ର ଗର୍ହିତମ୍' ନ୍ୟାୟରେ ଏବେ ଏହା 'ଧଳା ଜହର'ର ରୂପ ନେଇ ଆମ ସ୍ୱାସ୍ଥ୍ୟ ପ୍ରତି ବିପଦର କାରଣ ସାଜିଛି ।

ନିକଟରେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା । ଏହାର ସଦ୍ୟ ପ୍ରକାଶିତ (ଫେବୃୟାରୀ ୨୦୨୩) 'ଗ୍ଲୋବାଲ ରିପୋର୍ଟ ଅନ୍ ସୋଡିୟମ ଇନଟେକ୍ ରିଡକ୍ସନ 'ରିପୋର୍ଟରେ ସତର୍କ କରାଇ ଦିଆଯାଇଛି ଯେ ଯଦି ଏହାଦ୍ୱାରା ପ୍ରଦତ୍ତ ମାର୍ଗଦର୍ଶିକା ଅନୁସରଣ କରି ଲୁଣ ଖାଇବା ଆବଶ୍ୟକତାଠାରୁ କମ୍ କରିଦିଆଯାଏ, ତେବେ ଆଗାମୀ ୭ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୩୦ ମସିହା ସୁଦ୍ଧା ବିଶ୍ୱର ପ୍ରାୟ ୭୦ ଲକ୍ଷ ଲୋକଙ୍କର ତାହା ଅକାଳ ମୃତ୍ୟୁର କାରଣ ହେବ ।

ଆମେ ଖାଉଥିବା ଲୁଣର ରାସାୟନିକ ନାମ ହେଲା 'ସୋଡିୟମ କ୍ଲୋରାଇଡ୍' । ଏଥିରେ ଥିବା ସୋଡିୟମ୍ ହିଁ ଆମ ସ୍ୱାସ୍ଥ୍ୟ ଉପରେ ଭଲମନ୍ଦ ପ୍ରଭାବ ଲାଗି' ଦାୟୀ । ଲୁଣ ଏହାର ମୁଖ୍ୟ ଉତ୍ସ ହେଲେ ହେଁ, ଆମେ ଖାଉଥିବା ଅନ୍ୟାନ୍ୟ ବହୁ ଖାଦ୍ୟରେ ମଧ ଏହା ଅନ୍ୟତମ ଉପାଦାନ ରୂପେ ରହୁଛି । ଏସବୁଗୁଡ଼ିକରେ ଥିବା ସୋଡିୟମର ଏକତ୍ର ପରିମାଣ ଦିନକୁ ୨୩୦୦ ମିଲିଗ୍ରାମ ଅତିକ୍ରମ କରିଗଲେ ତାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ତେବେ ବିଶ୍ୱର ମାତ୍ର ତିନି ଶତାଂଶ ଲୋକ ଏହି ସୀମାଠାରୁ କମ୍ ଲୁଣ ଖାଇଲା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ୧୯୪ଟି ସଦସ୍ୟଙ୍କ ମଧ୍ୟରୁ ମାତ୍ର ୭ଟି ଦେଶର ଲୋକ ଏହା କରିଥାଆନ୍ତି । ସେଗୁଡ଼ିକ ହେଲେ ବ୍ରାଜିଲ, ଚିଲି, ମାଲେସିଆ, ସାଉଦି ଆରବ, ସେନ୍ ଏବଂ ଉରୁଗୁଏ ।

ଅଧିକ ଲୁଣ ଖାଇବାର ସ୍ୱାସ୍ଥ୍ୟ ପ୍ରତି ଥିବା ଘାତକ ପ୍ରଭାବଗୁଡ଼ିକ ହେଲା, ଉଚ୍ଚ ରକ୍ତଚାପ ଏବଂ ତଜ୍ଜନିତ ହୃଦ୍‌ରୋଗ ଏବଂ ସଂଘାତ । ଏହାର କୁପ୍ରଭାବ ମାଂସପେଶୀ, ସ୍ନାୟୁ ଏବଂ ମସ୍ତିଷ୍କ ଉପରେ ମଧ ପଡ଼ିଥାଏ । ଏପରିକି ହାଡ଼ ପାପରା, ପାକସ୍ଥଳୀ କ୍ୟାନ୍ସର ଏବଂ କିଡ୍‌ନୀ ସମସ୍ୟା ପାଇଁ ଅଧିକ ଲୁଣ ଖାଇବା ଅନେକାଂଶରେ ଦାୟୀ । ଏପରିସ୍ଥଳେ ଲୁଣ ଏବଂ ଅଧିକ ଲୁଣ ଅର୍ଥାତ୍ ସୋଡିୟମଯୁକ୍ତ ଖାଦ୍ୟ ଯଥାସମ୍ଭବ ହ୍ରାସ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପରାମର୍ଶ ଦେଇଛି । ତେବେ ଆମର ଆଜିକାଲିର ପସନ୍ଦ ଅନେକ ଖାଦ୍ୟରେ ଏହା ପ୍ରଚୁର ପରିମାଣରେ ରହିଛି । ଅନ୍ୟପକ୍ଷରେ ଏହା ଏକ ଚିନ୍ତାଜନକ ବିଷୟ ଯେ, ଏଗୁଡ଼ିକ ପ୍ରତି ଆମର ଆକର୍ଷଣ ବଢ଼ିଚାଲିଛି ।

ଏପରିସ୍ଥଳେ ଅଧିକ ଲୁଣ ସହିତ ଏଗୁଡ଼ିକୁ ମଧ ବର୍ଜନ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଆହ୍ୱାନ ଦେଇଛି । ଅନ୍ୟପକ୍ଷରେ ଘରେ ତିଆରି ସୁପ୍, ଛେନା, ସାଲାଡ୍, ନାନାପ୍ରକାର ପିଠା, ଉପମା, ଦୋସା, ମାଛ–ମାଂସ ତରକାରି ଓ ଏବଂ ତଟକା ଫଳମୂଳ କମ୍ ସୋଡିୟମଯୁକ୍ତ ଏବଂ ସ୍ୱାସ୍ଥ୍ୟ ପାଇଁ ହିତକର । ଏଣୁ ଏଗୁଡ଼ିକୁ ଆମେ ଖାଦ୍ୟ ରୂପେ ଗ୍ରହଣ କରିବା ଉଚିତ ବୋଲି ଏହି ସଂସ୍ଥା ପରାମର୍ଶ ଦେଇଛି ।

## ଆପଣ ଜାଣନ୍ତି କି ?

- ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତ୍ୟେକ ବର୍ଷ ବିଜୁଳି ସ୍ପର୍ଶରେ ପ୍ରାୟ ୬୨୫ ଜଣ ମରିଥାନ୍ତି ।
- ଖ୍ରୀଷ୍ଟ ପୂର୍ବ ସମୟରେ ମିଶରରେ ବିଜୁଳି-ଘଡଘଡି ଆରମ୍ଭ ହେବା ମାତ୍ରେ ଲୋକମାନେ ଦଉଡିବା ଆରମ୍ଭ କରୁଥିଲେ ।
- ମିଶରର ରାଜପ୍ରାସାଦରେ ଏହି ସମୟରେ ପ୍ରତ୍ୟେକ ଝରକା, କବାଟ ପାଖରେ ଆଇନା ରଖାଯାଉଥିଲା । ଅବଶ୍ୟ ଏହାର ସଠିକ୍ କାରଣ କ'ଣ ଜଣାପଡି ନାହିଁ ।
- ବିଶ୍ୱସ୍ତରରେ ସବୁଠାରୁ ଅଧିକ ଭାରତୀୟ ବର୍ଷାର ଆଗମନରେ ଖୁସି ହୁଅନ୍ତି ।
- ଗବେଷକଙ୍କ ମତରେ, ବର୍ଷା ଆକାଶ ମାର୍ଗରୁ ପଡିଲାବେଳେ ବରଫ ଖଣ୍ଡ ଆକାରର ଥାଏ, କିନ୍ତୁ ପୃଥିବୀପୃଷ୍ଠରେ ପହଞ୍ଚିବା ବେଳକୁ ଏହା ପାଣି ହୋଇ ସାରିଥାଏ ।
- ପୂର୍ବେ ବର୍ଷାଦିନେ ସର୍ବାଧିକ ଦୁର୍ଘଟଣା ହେଉଥିଲା ।
- ଜାପାନରେ ବିଜୁଳି ମାରିବାକୁ ଭଗବାନଙ୍କ ଆଶୀର୍ବାଦ ବୋଲି ମନେକରାଯାଏ ।
- ନରୱେରେ ଅଗଷ୍ଟ ମାସରେ ଜନ୍ମ ନେଉଥିବା ଅଧିକାଂଶ ଶିଶୁଙ୍କ ନାମ 'ଅଗଷ୍ଟ' ରହିଥାଏ ।
- ଆମେରିକାରେ ଅଗଷ୍ଟ ମାସକୁ ଜାତୀୟ ପାରିବାରିକ ମଜା ଦିବସ ଭାବରେ ପାଳନ କରାଯାଏ ।
- ବୁଲଗେରିଆରେ ଅଗଷ୍ଟ ମାସକୁ 'ସ୍ଥାନୀୟ ବଣଭୋଜି ଦିବସ' ଭାବରେ ପାଳନ କରାଯାଏ ।
- ବିଶ୍ୱର ଅନେକ ସ୍ଥାନରେ ଅଗଷ୍ଟ ମାସର ପ୍ରଥମ ରବିବାରକୁ 'ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ' ଭାବରେ ପାଳନ କରାଯାଏ ।

## କହିପାରିବେ କି ?

(୧) କେଉଁ ଶବ୍ଦରୁ ନଭେମ୍ବର ମାସର ସୃଷ୍ଟି ?
(୨) ଡିସେମ୍ବର ମାସ କେଉଁ ଶବ୍ଦରୁ ସୃଷ୍ଟି ?
(୩) ବିକ୍ରି ହୋଇ ପାରୁ ନଥିବା ଖାଦ୍ୟ ଫିଙ୍ଗିବାକୁ କେଉଁ ଦେଶ ପ୍ରଥମେ ନିଷେଧ କରିଥିଲେ ?
(୪) ପଲାସୀ ଯୁଦ୍ଧ କେବେ ହୋଇଥିଲା ?
(୫) ଆକ୍‌ବରଙ୍କ ଅଧୀନରେ ମୀରବକସୀ କ'ଣ ଦେଖୁଥିଲେ ?
(୬) ତ୍ରିପିଟକ କେଉଁ ଧର୍ମର ପବିତ୍ର ପୁସ୍ତକ ?
(୭) ସ୍ୱାଧୀନତା ସଂଗ୍ରାମରେ କେଉଁ ପେଶାର ଅଧିକ ଲୋକ ଅଂଶ ଗ୍ରହଣ କରିଥିଲେ ?
(୮) ଗଭର୍ଣ୍ଣର ଜେନେରାଲ ଅଫ୍ ଇଣ୍ଡିଆ ପଦବୀରେ ଭାଇସରାଏ ପଦବୀ କେବେ ଯୋଡି ହୋଇଥିଲା ?
(୯) ବିକ୍ରମାଦିତ୍ୟ ବିକ୍ରମ ସମ୍ବତ କାହାର ବିଜୟ ଉପରେ ଆରମ୍ଭ କରିଥିଲେ ?
(୧୦) ଚରଖା କେବେ ବ୍ୟାପକ ଭାବେ ପ୍ରଚଳନ ହୋଇଥିଲା ?

### JUMBLE WORDS

| | | | |
|---|---|---|---|
| 1) KAITNE | = | 6) PRISLA | = |
| 2) COETNA | = | 7) SIPEO | = |
| 3) THHCI | = | 8) THHCA | = |
| 4) TAESU | = | 9) DERNOV | = |
| 5) MRRPEI | = | 10) RPNIAS | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଗ୍ରୀକ୍ ଦେବତା ଜାନସ୍, ୨.ଫେବୃୟାରୀଅସ୍, ୩.ମାର୍ସ, ୪.ଏପ୍ରିଲିସ୍, ୫.ଦେବୀ ମାଇଆ, ୬.ଜୁନୋ, ୭.ଜୁଲିୟସ୍ ସିଜର, ୮.ଅଗଷ୍ଟସ୍, ୯.ସେପ୍ଟେମ୍, ୧୦.ଆକ୍ଟୋ ।

***Jumble Words* ର ଉତ୍ତର :-**

(1) HONOR (2) PLAID (3) ELIXIR (4) PROFIT (5) AVOID
(6) EAGLE (7) GOVERN (8) MOTIVE (9) FLOSS (10) CRAZY.

## ଲକ୍ଷ୍ମୀନାରାୟଣ ମେହେରଙ୍କ ପରଲୋକ

ସୁବର୍ଣ୍ଣପୁର : ସୋନପୁରର ପୂର୍ବତନ ଉପ ନଗରପାଳ ତଥା ସ୍ୱଚ୍ଛ ଭାରତ ସଂଗଠନ ସୋନପୁର ଓ ମନମୁଣ୍ଡାର ପ୍ରତିଷ୍ଠାତା ସଭାପତି ଲକ୍ଷ୍ମୀନାରାୟଣ ମେହେରଙ୍କ ପରଲୋକ ଘଟିଛି । ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ରାମେଶ୍ୱର ଶ୍ମଶାନ ଘାଟରେ କରାଯାଇଥିବା ବେଳେ ପଦ୍ମଶ୍ରୀ କୈଳାସ ଚନ୍ଦ୍ର ମେହେର, ସୁବର୍ଣ୍ଣପୁର ଏସ୍.ପି ଅମରେଶ ପଣ୍ଡା, ଏଡିଏମ ସୂର୍ଯ୍ୟ ନାରାୟଣ ଦାଶ, ଡେପୁଟି କଲେକ୍ଟର ଇପ୍‌ସିତା ମିଶ୍ର, ପ୍ରାକ୍ତନ ପୌରାଧକ୍ଷ କଇରୁ ସ୍ୱାଇଁ, ବୀରମହାରାଜପୁର ବ୍ଲକ ପ୍ରାକ୍ତନ ଅଧକ୍ଷ ସନ୍ତୋଷ ଭୋଇ, ଯୁବନେତା ପ୍ରିୟବ୍ରତ ସାହୁ, କାଉନସିଲର ପିୟୁଷ ପଣ୍ଡା, ସ୍ୱଚ୍ଛଭାରତ ସଂଗଠନର ଅନ୍ୟତମ ଉଦ୍ୟୋକ୍ତା ସୟଦ ଅଲିମୁଲ୍ ଇସଲାମ୍, ବରିଷ୍ଠ ସାମ୍ବାଦିକ ବିନୟ ରଞ୍ଜନ ପ୍ରଧାନ, ତରଣୀ କୁମାର ମେହେର ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ ଲକ୍ଷ୍ମୀନାରାୟଣ ମେହେରଙ୍କ ବଡ଼ପୁଅ ପ୍ରଭାସ ମେହେର ମୁଖାଗ୍ନି ଦେଇଥିଲେ ।

## ସଡ଼କ ଦୁର୍ଘଟଣାରେ ୫ବର୍ଷରେ ୨୫,୯୩୪ ଜୀବନହାନୀ

ଭୁବନେଶ୍ୱର: ରାଜ୍ୟରେ ଗତ ୫ ବର୍ଷରେ ସଡ଼କ ଦୁର୍ଘଟଣାରେ ୨୫,୯୩୪ ଜଣଙ୍କ ଜୀବନ ଯାଇଥିବା ବେଳେ ୫୧,୮୭୩ ଜଣ ଆହତ ହୋଇଛନ୍ତି । ବିଜେଡି ସଭ୍ୟ ପଦ୍ମିନୀ ଦିଆନଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏହା କହିଛନ୍ତି । ମନ୍ତ୍ରୀ ବିଧାନସଭାରେ କହିଛନ୍ତି, ରାସ୍ତା ଦୁର୍ଘଟଣା କମାଇବାକୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଗତ ୫ ବର୍ଷରେ ସରକାର ୬ କୋଟି ୫୯ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ମୋଟର ଯାନ ଆଇନକୁ କଡ଼ାକଡ଼ି କରାଯାଇଛି । ଆର୍‌ଟିଓ ଏବଂ ପୋଲିସ ଦ୍ୱାରା ମିଳିତ ଭାବେ ସ୍ପେଶାଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ କରାଯାଉଛି ।

## ୫୭୭୦ ଗାଁରେ ମୋବାଇଲ ସେବା ନାହିଁ

ଭୁବନେଶ୍ୱର: ରାଜ୍ୟରେ ଏବେ ସୁଦ୍ଧା ୫୭୭୦ ଗ୍ରାମରେ ମୋବାଇଲ ଫୋନ, ସେବା ଅପହଞ୍ଚ ହୋଇ ରହିଛି । ସେଥିରୁ କୋରାପୁଟ ଜିଲାର ୧୯୭୮ ଗ୍ରାମରେ ମୋବାଇଲ ନେଟୱର୍କ ନାହିଁ । ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଜିଲାର ସମସ୍ତ ଗ୍ରାମକୁ ମୋବାଇଲ ସେବା ଉପଲବ୍ଧ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଇଲେକ୍ଟ୍ରୋନିକ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାନସଭାରେ ଏହି ସୂଚନା ଦେଇଛନ୍ତି ।

# ଗନ୍ଧମାର୍ଦ୍ଦନ ଜୈବ ବିବିଧତା ଐତିହ୍ୟସ୍ଥଳୀ ଘୋଷିତ

ବରଗଡ଼ : ଭବ୍ୟ ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ସହସ୍ରାଧିକ ଔଷଧୀୟ ଗୁଳ୍ମ, ଜଙ୍ଗଲ ଓ ବନ୍ୟ ସମ୍ପଦ ତଥା ୨୦ରୁ ଊର୍ଦ୍ଧ୍ୱ ଚିରସ୍ରୋତା ଝରଣା ପାଇଁ ସୁପ୍ରସିଦ୍ଧ ବଲାଙ୍ଗୀର ଓ ବରଗଡ଼ ଜିଲା ସୀମାରେଖାରେ ଥିବା ଗନ୍ଧମାର୍ଦ୍ଦନ ପାହାଡ଼କୁ ରାଜ୍ୟ ସରକାର ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି । ଏନେଇ ରାଜ୍ୟ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି । ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ୧୮, ୯୬୩.୮୯୮ ହେକ୍ଟରରେ ପରିବ୍ୟାପ୍ତ ଏହି ପର୍ବତ ଆୟୁର୍ବେଦର ଭୂସ୍ୱର୍ଗ ଭାବେ ପରିଚିତ । ଏଥିରେ ୧୦୫୫ ପ୍ରଜାତିର ବୃକ୍ଷଲତା ଓ ୫୦୦ ପ୍ରକାରର ପ୍ରାଣୀ ଥିବା ଜଣାପଡ଼ିଛି । ୧୦୫୫ ପ୍ରଜାତିର ବୃକ୍ଷ ମଧ୍ୟରେ ୮୪୯ ପ୍ରକାର ଫୁଲ ଗଛର ସନ୍ଧାନ ମିଳିଥିବା ବେଳେ ଏଥରେ ବୁଦା ଜାତୀୟ ଗଛ, ଗୁଳ୍ମ ଓ ବିଭିନ୍ନ ପ୍ରକାର ଲତା ସମେତ ପ୍ରାୟ ୩୦୦ ପ୍ରକାର ଔଷଧୀୟ ଗଛ ଥିବା ନେଇ ଜଣାପଡ଼ିଛି । ସେହିପରି ୪୩ ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ, ୧୬୧ ପ୍ରକାର ପକ୍ଷୀ, ୪୪ ପ୍ରକାର ସରିସୃପ, ୧୧୮ ପ୍ରକାର ପ୍ରଜାପତି, ୮୩ ପ୍ରକାର ବୁଢ଼ିଆଣୀ ଓ ୧୮ ପ୍ରକାର ବିଲୁପ୍ତ ପ୍ରଜାତିର ପ୍ରାଣୀ ରହିଛନ୍ତି । ସ୍ଥାନୀୟ ଲୋକଙ୍କ ଦାବି ଅନୁଯାୟୀ ଏହି ପର୍ବତରେ ପ୍ରାୟ ୫୦୦ ପ୍ରଜାତିର ଔଷଧୀୟ ଗୁଣଯୁକ୍ତ ଗଛ ଅଛି । ଏହାକୁ 'ଆୟୁର୍ବେଦର ସ୍ୱର୍ଗ" ଭାବେ ସ୍ଥାନୀୟ ଲୋକେ ଗ୍ରହଣ କରୁଥିବା ବେଳେ ଅନେକ ରୋଗରୁ ମୁକ୍ତି ପାଇଁ ଏଠାରୁ ଔଷଧ ସଂଗ୍ରହ କରୁଥିବା କହିଛନ୍ତି । ବୈଦ୍ୟ/ ହାକିମ/ ଦିଶାରୀମାନେ ଏଠାରୁ ବିଭିନ୍ନ ଗଛ ଲତା ଆଣି ଲୋକଙ୍କ ଚିକିତ୍ସାରେ ଲଗାଉଛନ୍ତି । ମୁଖ୍ୟତଃ ସ୍ତ୍ରୀ ଓ ପ୍ରସୂତି ରୋଗ ଦୂର କରିବା ସହ ଅମ୍ଳ, ଗ୍ୟାଷ୍ଟ୍ରିକ, ଅଲସର, ପେଟ ରୋଗ, ମଧୁମେହ, ପାଇଲ୍ସ, ହାଡ଼ ଭଙ୍ଗା, ଜଣ୍ଡିସ, ବିଭିନ୍ନ ପ୍ରକାର ଜ୍ୱର ସହିତ ମା କ୍ଷୀର ବୃଦ୍ଧି କରିବା ପାଇଁ ଏଠାରେ 'ବୃକ୍ଷ ଲତା ଥିବା ଦାବି କରାଯାଇଛି ।

ବଲାଙ୍ଗୀର ଜିଲା ପଟ ହରିଶଙ୍କର ଏବଂ ବରଗଡ଼ ଜିଲା ପଟେ ନୃସିଂହନାଥ ଭଳି ପ୍ରସିଦ୍ଧ ତୀର୍ଥକ୍ଷେତ୍ର ରହିଛି । ସୁପ୍ରସିଦ୍ଧ କପିଳଧାରା ଜଳପ୍ରପାତ, ସେଲାପଥର, ଜଳମହାଦେବ ଭଳି ଦର୍ଶନୀୟ ସ୍ଥାନ ରହିଛି । ଏଠାରେ ଦୀର୍ଘ ୧୮ କି.ମିର ଟ୍ରେକିଂ ସାଇଟ୍ ମଧ ରହିଛି । ଆଜିବି ଏଠାରେ ବହୁ ପାରମ୍ପରିକ ବୈଦ୍ୟ ଜଡ଼ିବୁଟିର ସନ୍ଧାନ ଚାଲିଛି । ୧୯୮୦ ଦଶକରେ ଏଠାରେ ବକ୍ସାଇଟ୍ ଖଣି ଖନନ ପାଇଁ ସରକାର ଅନୁମତି ହେବା ପରେ ଏହି ପୁରାଣ ପ୍ରସିଦ୍ଧ ଏବଂ ପ୍ରାକୃତିକ ଶୋଭାରେ ଭରପୁର ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଐତିହାସିକ ବାଲ୍‌କୋ ହଟାଅ ଆନ୍ଦୋଳନ ହୋଇଥିଲା । ଏହି ଆନ୍ଦୋଳନ ଫଳରେ ଖଣି ଖନନ ବନ୍ଦ କରି ବାଲ୍‌କୋ କମ୍ପାନୀକୁ ହଟାଇବାକୁ ସରକାର ଏକ ପ୍ରକାର ବାଧ ହୋଇଥିଲେ । ଏଭଳି ଏକ ଦୁର୍ଲଭ ପର୍ବତଶ୍ରେଣୀକୁ ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିବାକୁ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ବିଭିନ୍ନ ବ୍ଲକ ଏବଂ ଜିଲାସ୍ତରୀୟ ଜୈବବିବିଧତା ବୋର୍ଡ ପକ୍ଷରୁ ସୁପାରିଶ କରାଯାଇ ଆସୁଥିଲା । ଶେଷରେ ଏହି ସୁପାରିଶକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଥିବା ଜଣାପଡିଛି । ଗନ୍ଧମାର୍ଦ୍ଦନ ଜୈବ ବିବିଧତା ଐତିହ୍ୟସ୍ଥଳୀ ଘୋଷଣା ହେବା ପରେ ଏଠାକାର ଜୈବ ବିବିଧତା ସୁରକ୍ଷିତ ହୋଇପାରିବ । ଏହି ଘୋଷଣା ପରେ ଗନ୍ଧମାର୍ଦ୍ଦନରୁ ଖଣି ଖନନ ଆଶଙ୍କା ଏକ ପ୍ରକାର ଦୂର ହୋଇଥିବା ପରିବେଶବିତ୍ ମତ ପ୍ରକାଶ କରିଛନ୍ତି ।

## ଲୋକ ମହୋତ୍ସବ ମାଳେଶ୍ରୀର ଶୁଭସ୍ତମ୍ଭ ସ୍ଥାପନ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଲୋକ ମହୋତ୍ସବ ମାଳେଶ୍ରୀ ପାଇଁ ଶୁଭସ୍ତମ୍ଭ ସ୍ଥାପନ ହୋଇ ଯାଇଛି । ସ୍ଥାନୀୟ ଉପଜିଲ୍ଲାପାଳ ଅଫିସ ରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମ ଠାରେ ପହଞ୍ଚିବା ପରେ ସେଠାରେ ଭୂମି ପୂଜନ ଓ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ମହୋତ୍ସବ କମିଟି ସଭାପତି ବୀରମହାରାଜପୁର ଉପ ଜିଲ୍ଲାପାଳ ଅଶୋକ କୁମାର ଭୋଇ କର୍ତ୍ତା ଭାବରେ ପୂଜାରେ ବସି ପୂଜାକାର୍ଯ୍ୟ ସମାପନ କରିଥିଲେ । ଆସନ୍ତା ଏପ୍ରିଲ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ ବରିଷ୍ଠ ସଦସ୍ୟ ଶୟମ୍ଭୁନାଥ ଖଣ୍ଡଗିରି, ଗୋପୀନାଥ ମହାକୁର, ରାମକୃଷ୍ଣ ହୋତା, ରଞ୍ଜିତ କୁମାର ରଥ, କିଶୋର ହୋତା, ନାରାୟଣ ଲୁହା, ପ୍ରଫୁଲ୍ଲ କୁମାର ରଥ, ଯୁଗଳ କିଶୋର ମିଶ୍ର, ଭୂଷଣ କୁମାର ପାତ୍ର, ଲକ୍ଷ୍ମୀ ନାରାୟଣ ସାହୁ, ବୀରମହାରାଜପୁର ବି.ଡ଼ି. ଓ ମୋତିଲାଲ ସୁଲିଆ, ରାଜସ୍ୱ ଅଧିକାରୀ ଅଜିତ କୁମାର ମିର୍ଦ୍ଧା, ତହସିଲଦାର ବିବୁଦ ଗଡ଼ନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ନଳିନୀ ପଣ୍ଡା, ଥାନା ଅଧିକାରୀ ପଦ୍ମାସିନୀ ମେହେର ସଞ୍ଜିବ କୁମାର ଦେହୁରୀ, ପର୍ଶୁରାମ ଦେହୁରୀ, ଦୟାନିଧି ହୋତା, ମହେନ୍ଦ୍ର ଜଗଦଲା, ଲକ୍ଷ୍ମୀ ନାରାୟଣ ପୁରୋହିତ, ଅଯନ୍ନ କଳତା, ସୁଧାଂଶୁ ପଣ୍ଡା, ଅକ୍ଷୟ ବାରିକ, ଅଭିମନ୍ୟୁ ବର୍ଗର୍ତ୍ତି, ବାସୁଦେବ ପଣ୍ଡା, ସରୋଜ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ରବି ଚନ୍ଦ୍ର ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ବିଦ୍ୟାଧର ଥନାପତି ଶଙ୍ଖ ବାଦନ କରିଥିଲେ ।

## ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଘାଟିତ

ସମ୍ବଲପୁର: ଜିଲାସ୍ତରୀୟ ପୋଷଣ ପକ୍ଷ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଜନ ଆନ୍ଦୋଳନ ମାଧମରେ ପୋଷଣର ଗୁରୁତ୍ୱ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପଦଯାତ୍ରା, ସାଇକେଲ ରାଲି, ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି, ଯୁବ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପୋଷଣ ପକ୍ଷ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଆଇସିଡିଏସ୍ ପ୍ରକଳ୍ପ ଦ୍ୱାରା ବିଭିନ୍ନ ପୋଷଣଯୁକ୍ତ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା ।

## ସିଆରପିଏଫ୍ ସେଣ୍ଟରରେ କର୍ମଶାଳା

ସମ୍ବଲପୁର: ବ୍ରହ୍ମାକୁମାରୀ, ସମ୍ବଲପୁର ସବ୍ ଜୋନ୍ ଓ ସିଆର୍‌ପିଏଫ୍ ସେଣ୍ଟର ସମ୍ବଲପୁରଙ୍କ ମିଳିତ ଉଦ୍ୟମରେ ତିନି ଦିନ ଧରି ଈଶ୍ୱରୀୟ ଜ୍ଞାନପ୍ରଦାନ ଓ ଆଧାତ୍ମିକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଅଛି । ମୁମ୍ବାଇର ପ୍ରଫେସର୍ ଇ.ଭି ଗିରିଶ 'ଔଷଧ ଉପରେ ଯୋଗ' ସମ୍ପର୍କରେ ବୁଝାଇଥିବା ବେଳେ ବ୍ରହ୍ମା କୁମାରୀ ଦୀପା ଦିଦି ରାଜ ଯୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସିଆରପିଏଫ୍ ସେଣ୍ଟର ସମ୍ବଲପୁରର ଉପ ମହା ନିର୍ଦ୍ଦେଶକ ଲାଲଚାନ୍ଦ ଯାଦବ ଧନ୍ୟବାଦ ଦେଇଥିଲେ । ବ୍ରହ୍ମା କୁମାରୀ ଦୀପା ଏକ ସଙ୍ଗୀତ ପରିବେଷଣ କରିଥିଲେ । ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ପୋଲିସ ଦ୍ୱାରା ରକ୍ତଦାନ ଶିବିର

ସମ୍ବଲପୁର: ସଦର ଥାନାରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗୃହୀତ କରାଯାଇଛି । ଶିବିରକୁ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଆଇଆଇସି ଅନିତା ପାଟନିଆ ଉପସ୍ଥିତ ଥିଲେ । ଭିମ୍‌ସାର ବୁର୍ଲା ରକ୍ତଭଣ୍ଡାର ଡାକ୍ତର ବିଜୟରାଜ ଭୋଇ, ଟେକ୍ନିସିଆନ ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଏହାକୁ ପରିଚାଳନା କରିଥିଲେ । ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଶିବିର ଆୟୋଜନ କରାଯାଇଥିଲା । ଏସ୍‌ଡିପିଓ ରକ୍ତଦାତାଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ ।

## ମନମୋହନ ରାଜ୍ୟ ଭାଜପା ସଭାପତି

ଭୁବନେଶ୍ୱର: ୨୦୨୪ ସାଧାରଣ ନିର୍ବାଚନକୁ ଆଉ ମାତ୍ର ଗୋଟିଏ ବର୍ଷ ସମୟ ଥିବାବେଳେ ଏହା ପୂର୍ବରୁ ଭାଜପା ନିଜର ରଣନୀତି ବଦଳାଇଛି । ରାଜ୍ୟ ମୁଖିଆ ପଦରେ ପରିବର୍ତ୍ତନ କରି ଭାଜପା ଓଡ଼ିଶା ରଣନୀତିରେ ପରିବର୍ତ୍ତନ କରିଥିବା ସଙ୍କେତ ଦେଇଛି । ଦଳର ସଭାପତି ପଦରେ ପରିବର୍ତ୍ତନ ପରେ ରାଜ୍ୟ ବାବଦରେ ଦଳର କେନ୍ଦ୍ରୀୟ ନେତା ଗୁରୁତ୍ୱ ସହକାରେ ନେଉଥିବା ଆଲୋଚନା ହେବା ଆରମ୍ଭ ହୋଇଛି । ମନମୋହନ ସାମଲ ରାଜ୍ୟ ଭାଜପାର ନୂଆ ସଭାପତି ଭାବେ ଦାୟିତ୍ୱ ପାଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମନମୋହନଙ୍କୁ ରାଜ୍ୟ ସଭାପତି ଭଳି ଗୁରୁଦାୟିତ୍ୱ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ଭି. ନଡ୍ଡା ପ୍ରଦାନ କରିଛନ୍ତି । ସଭାପତି ସମୀର ମହାନ୍ତିଙ୍କ ସ୍ଥାନରେ ମନମୋହନଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି ।

ନବନିଯୁକ୍ତ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଦଳର ଜଣେ ବରିଷ୍ଠ ନେତା । ତାଙ୍କ ପାଇଁ ସଭାପତି ଦାୟିତ୍ୱ ନୂଆ ନୁହେଁ । ମନମୋହନ ପୂର୍ବରୁ ୧୯୯୯-୨୦୦୦ ଓ ୨୦୦୧-୨୦୦୪ ମସିହା ପର୍ଯ୍ୟନ୍ତ ୨ ଥର ଦଳର ସଭାପତି ଭାବେ ଦାୟିତ୍ୱ ନିର୍ବାହ କରି ସାରିଛନ୍ତି । କଲେଜରେ ପଢ଼ିବା ସମୟରେ ସେ ରାଜନୀତିକୁ ଆସିଥିଲେ । ୧୯୭୯ରେ ସେ ଭଦ୍ରକ କଲେଜ ଛାତ୍ର ସଂଘ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଏହାପରେ ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ସଦସ୍ୟ ଥିଲେ । ଭାଜପାର ସକ୍ରିୟ ସଦସ୍ୟ ଭାବେ ବିଭିନ୍ନ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ୨୦୦୪ରେ ସେ ଭଦ୍ରକ ଜିଲା ଧାମନଗର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ । ସେତେବେଳେ ବିଜେଡି ଏବଂ ଭାଜପାର ମେଣ୍ଟ ସରକାର ରାଜ୍ୟରେ ଚାଲିଥିଲା । ଏହି ସମୟରେ ସେ ମେଣ୍ଟ ସରକାରରେ ରାଜସ୍ୱ ଓ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ଭଳି ୨ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ ।

ସେହିପରି ଗତ ଧାମନଗର ଉପନିର୍ବାଚନରେ ଦଳର ବିଜୟରେ ମନମୋହନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସେଥିପାଇଁ ତାଙ୍କୁ ସଭାପତି ପଦ ପୁରସ୍କାରରେ ମିଳିଥିବା ଆଲୋଚନା ହେଉଛି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ପରମାଣପୁରରେ ପଶ୍ଚିମ ଓଡିଶାର ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ















ସମ୍ବଲପୁର : ହରିନାମ ସଂକୀର୍ତ୍ତନ ଚିତ୍ତଶୁଦ୍ଧି, ମନ ନିର୍ମଳ ଓ ଇନ୍ଦ୍ରିୟ ଗୁଡିକୁ ଆଧାତ୍ମିକ ଚିନ୍ତନରେ ଆବଦ୍ଧ କରି ରଖିଥାଏ । କିନ୍ତୁ ଏବେ କୀର୍ତ୍ତନ ମନୋରଞ୍ଜନର ମାଧମ ହୋଇ ଯାଇଥିବାରୁ, ପ୍ରତ୍ୟେକ କଳାକାର ଏହାର ମୌଳିକାତାକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ କରିବାକୁ ବିଶିଷ୍ଟ ବ୍ୟକ୍ତି ମାନେ ଆହ୍ୱାନ ଦେଇଛନ୍ତି ।

ମାନେଶ୍ୱର ବ୍ଲକର ପରମାଣପୁର ଠାରେ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ବାର୍ଷିକ ଉତ୍ସବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୀର୍ତ୍ତନର ପରମ୍ପରାକୁ ବଜାୟ ରଖିବା ପାଇଁ କଳାକାର ମାନଙ୍କୁ ପରାମର୍ଶ ଦେବା ସହ ତାଙ୍କର ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଅବସରପ୍ରାପ୍ତ ପ୍ରାଧାପକ ତଥା ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ, ପଡୋଶୀ ରାଜ୍ୟ ବଙ୍ଗାଳରୁ ଆମ ରାଜ୍ୟକୁ ଆସିଥିବା ନାମ ସଂକୀର୍ତ୍ତନର ଚେର ପଶ୍ଚିମ ଓଡିଶାରେ ବହୁ ଗଭୀରକୁ ପ୍ରବେଶ କରିଛି । ଖଟିଖିଆ କୃଷିଜୀବୀ ମାନେ ଦିନ ତମାମ ପରିଶ୍ରମ କରି ସନ୍ଧ୍ୟାରେ କିଛି ସମୟ ବୈଠକୀ ଘରେ କିମ୍ବା ଭାଗବତ ଟୁଙ୍ଗୀରେ କୀର୍ତ୍ତନ କରି ଭଗବତ ପ୍ରେମରେ ମଜ୍ଜି ରହୁଥିଲେ । ତେବେ ଏ କଳାର ବର୍ତ୍ତମାନ ଅବକ୍ଷୟ ଘଟୁଛି । ତେଣୁ ଏହା ଯେପରି କଳୁଷିତ ନ ହେବ ଏବଂ ଆଧାତ୍ମିକ ଚେତନାର ପ୍ରକୃତ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବ, ସେ ଦିଗରେ ଦୃଷ୍ଟି ଦେବାର ଆବଶ୍ୟକତା ଥିବା କହିଥିଲେ ।

ବିଶିଷ୍ଟ ଅତିଥି ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସଂକୀର୍ତ୍ତନରେ କିପରି ଲୋକ ଗୀତର ଛାପ ଅଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ ।

ସମ୍ମାନିତ ଅତିଥି ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ କୁମାର ରଥ ପଶ୍ଚିମ ଓଡ଼ିଶାର ସଂକୀର୍ତ୍ତନ କଳା ଏକତାର ପ୍ରତୀକ ହୋଇ ଏକ ଆନ୍ଦୋଳନର ରୂପ ନେଉ ବୋଲି କହିଥିଲେ । କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା, ମାନେଶ୍ୱର ବ୍ଲକ ଉପାଧକ୍ଷ ନରେନ୍ଦ୍ର କୁମାର ମିଶ୍ର ଓ ପରମାଣପୁର ସରପଞ୍ଚ ମହେନ୍ଦ୍ର କୁମାର ନାଥ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକାଶିତ ଏକ ସ୍ମରଣିକାକୁ ଅତିଥି ମାନେ ଦ୍ୱାରା ଉନ୍ମୋଚନ କରିଥିଲେ । ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତା ତଥା ଅଧାପକ ତୁଷାର ରଞ୍ଜନ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଲୋକନାଥ ମିଶ୍ର ବିବରଣୀ ପାଠ କରିଥିବା ବେଳେ ସନ୍ତୋଷ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଅପରାହ୍ନ ଅଧିବେଶନରେ କଣ୍ଟାବାଞ୍ଜି ସ୍ଥିତ ଶ୍ରୀ ରାଧାମାଧବ ମନ୍ଦିରର ମହନ୍ତ ଅଦ୍ୱୈତ ଚରଣ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସଂକୀର୍ତ୍ତନର ସ୍ରଷ୍ଟା ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଜୀବନୀ ଉପରେ ଆଲୋକପାତ କରି କଳି ଯୁଗରେ ସଂକୀର୍ତ୍ତନ ହିଁ ମୋକ୍ଷ ପ୍ରାପ୍ତିର ଏକମାତ୍ର ମାଧମ ବୋଲି କହିଥିଲେ । ଏଥିରେ ଉତ୍ତର ପ୍ରଦେଶର ଚମ୍ବଲ ପୀଠାଧିଶ୍ୱର ମହନ୍ତ ସୁନ୍ଦର ଦାସ, ଝାଡଖଣ୍ଡ ରାମରେଖା ଧାମର ବାବା ଉମାକାନ୍ତ ପ୍ରପନ୍ନ ଜୀ, ବଲାଙ୍ଗୀର ଜିଲ୍ଲା ଖୁଟଲୀମୁଣ୍ଡାର ବାବା ସରଜୁ ଦାସ ଓ ବାବା ସଦାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

ଏହି ଅବସରରେ ୨୦୨୩ ବର୍ଷ ପାଇଁ କନ୍ଧମାଳ ଜିଲ୍ଲାର କୀର୍ତ୍ତନ ଗୁରୁ ଶ୍ରୀ ଗୁପ୍ତେଶ୍ୱର କହଁରଙ୍କୁ ଶ୍ରୀ ଚୈତନ୍ୟ ପୁରସ୍କାର, ବଲାଙ୍ଗୀର ଜିଲ୍ଲାର ଭରତ ଚନ୍ଦ୍ର ସାହୁଙ୍କୁ ଗାୟକ ରତ୍ନ ସମ୍ମାନ ଓ କଳାହାଣ୍ଡି ଜିଲ୍ଲାର ଶ୍ରୀ ଜିତେନ୍ଦ୍ର ପୁଞ୍ଜିଙ୍କୁ ବାୟକ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା । ଏହାଛଡା ପରମାଣପୁରର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର କୁମାର ମିଶ୍ର, କଳାକାର କାହ୍ନୁ ଚରଣ ନାଥ ଓ କବି ବିଭୁତି ନାଥ, ବଳରାମ ମାହାନା ଓ ସୁରଥ ମିଶ୍ରଙ୍କୁ ମଧ ସମ୍ମାନିତ କରାଯାଇଥିଲା । ପରିଷଦର ଉପଦେଷ୍ଟା ଲଳିତ ଭୋଇ, ରାଜେନ୍ଦ୍ର ବେହେରା, ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେ କୃଷ୍ଣ ପଣ୍ଡା, କୀର୍ତ୍ତନ ଗୁରୁ ଗୁଣାକର ଶତପଥି, ରାଧାକାନ୍ତ ପାଣିଗ୍ରାହୀ, ଅରୁଣ କୁମାର ସାହୁ, ସବିତା ପାଣିଗ୍ରାହୀ, ଦିଲ୍ଲୀପ ବଢ଼େଇ ପ୍ରମୁଖ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ୧୧ଟି ଜିଲ୍ଲାରୁ ଆସିଥିବା ପ୍ରାୟ ଏକ ହଜାର କଳାକାର ନିଜର ନମୁନା କୀର୍ତ୍ତନ ପରିବେଷଣ କରିଥିଲେ ।

# ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ

ଭୁବନେଶ୍ୱର: ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ଜୟଦେବ ଭବନ ଠାରେ ତ୍ରିଦିବସୀୟ ଓଡିଆ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ସମାରୋହକୁ ଉଦ୍‌ଘାଟନ କରି କବି ଉପେନ୍ଦ୍ର ଯେ ବିଶ୍ୱର ଏକ ବିସ୍ମୟ ଏବଂ ତାଙ୍କ ସାହିତ୍ୟକୁ ବିଶ୍ୱାଭିମୁଖୀ କରିବାର ପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯିବା ଉଚିତ ବୋଲି କହିବା ସହିତ ତାଙ୍କ ସାହିତ୍ୟର ପ୍ରଚାର-ପ୍ରସାର କ୍ଷେତ୍ରରେ ଭୁବନେଶ୍ୱର ଭଞ୍ଜଭାରତୀ ଅନୁଷ୍ଠାନର ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ ।









ଓଡିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ବରେଣ୍ୟ ଅତିଥି ଓ ଡକ୍ଟର ସନ୍ତୋଷ କୁମାର ପାଣିଗ୍ରାହୀ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ କବୟିତ୍ରୀ ଡକ୍ଟର ସରୋଜିନୀ ଷଡଙ୍ଗୀଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ- ୨୦୨୩' ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଶ୍ରୀମତୀ ଦୀପ୍ତିମୟୀ ଦାସ ସ୍ତୁତିପାଠ କରିଥିବା ବେଳେ ଏହି ସଭାକୁ ଅନୁଷ୍ଠାନର ସଦସ୍ୟ ଡକ୍ଟର ମୃତ୍ୟୁଞ୍ଜୟ ରଥ ସଂଯୋଜନା ଓ ନନ୍ଦକିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ଓଡିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗର ସଚିବ ବିଷ୍ଣୁପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କବିସୂର୍ଯ୍ୟଙ୍କ ସାହିତ୍ୟ ସହିତ ସଙ୍ଗୀତରେ ଭୂୟସୀ ପ୍ରଶଂସା କରିଥିଲେ । ଦୈନିକ 'ସକାଳ'ର ସମ୍ପାଦକ ଡକ୍ଟର ଉମାକାନ୍ତ ମିଶ୍ର ବିଶିଷ୍ଟ ଅତିଥି ଓ ଡକ୍ଟର ସୁରେନ୍ଦ୍ରଚନ୍ଦ୍ର ମିଶ୍ର ବରେଣ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର କୋଷାଧକ୍ଷା ତଥା ଅଧିବକ୍ତା ଶୈଳଜା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବରିଷ୍ଠ ସଦସ୍ୟ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ତୃତୀୟ ଦିନର ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ଜଗତରେ କବି ଗଙ୍ଗାଧରଙ୍କ ସ୍ଥାନ ସ୍ୱତନ୍ତ୍ର ଓ ସେ ଗଣକବି ଭାବରେ ସମଗ୍ର ଓଡିଶାରେ ଲୋକାଦୃତ ବୋଲି କହିଥିଲେ । ଡକ୍ଟର ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ମେହେର ସାହିତ୍ୟ ଗବେଷକ ପ୍ରଫେସର ସନ୍ତୋଷ କୁମାର ରଥ ବକ୍ତା ଭାବେ ଯୋଗ ଦେଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଡକ୍ଟର ବେଣୁଧର ଦାସ ।

ତିନିଦିନ ଯାକ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସଭାପତି ଶ୍ରୀ ନିଳାଦ୍ରୀମୋହନ ଶତପଥୀ ଅଧକ୍ଷତା କରିଥିବା ବେଳେ ସଂପାଦକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ବିଭିନ୍ନ କବିଙ୍କ ସାହିତ୍ୟକୃତୀ ଉପରେ ଆଲୋଚନା କରିଥିଲେ । ନାଦବ୍ରହ୍ମ ଅନୁଷ୍ଠାନପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର ସଦସ୍ୟ ସୁକାନ୍ତ ଗିରି, ସ୍ୱୟଂପ୍ରଜ୍ଞା ସାହୁ, ନନ୍ଦକିଶୋର ଜେନା, ପ୍ରସନ୍ନ ବେହେରା, ଅଶୋକ କୁମାର ମିଶ୍ର, ବିମଳ ଲୋଚନ ପଟ୍ଟନାୟକ, ପବିତ୍ରମୋହନ ସାହୁ, ସୁରେଶ୍ୱର ପାଣିଗ୍ରାହୀ, ବିନୀତା ସିଂ ଓ ଇତିଶ୍ରୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# 'ଦର୍ପଣ' ପକ୍ଷରୁ ଏମ୍.ସି.ଏଲରେ ଅନ୍ତାକ୍ଷରୀ କାର୍ଯ୍ୟକ୍ରମ





ବୁର୍ଲା : ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଯୁବ ଅନୁଷ୍ଠାନ 'ଦର୍ପଣ' ଆନୁକୂଲ୍ୟରେ ଅନ୍ତାକ୍ଷରୀ ଧମାକା ୨୦୨୩ ଆନନ୍ଦ ବିହାର ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ହୋଇଥିଲା । ଏମ.ସି.ଏଲର କାର୍ମିକ ନିର୍ଦ୍ଦେଶକ କେଶବ ରାଓ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିଲେ । ପ୍ରାରମ୍ଭରେ 'ଦର୍ପଣ' ତରଫରୁ ଚିତ୍ତରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇ ବିଗତ ୮ ବର୍ଷ ଧରି ଚାଲିଥିବା ଏହି ଅନ୍ତାକ୍ଷରୀ କାର୍ଯ୍ୟକ୍ରମ ଆୟୋଜନ କରିବାର ଉଦ୍ଦେଶ୍ୟ ଏବଂ ମୁଖ୍ୟ ଲକ୍ଷ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ । ପରେ ପରେ ଓଡ଼ିଶାର ସୁନାମଧନ୍ୟ ସଂଯୋଜକ ଜଳି ଆଚାର୍ଯ୍ୟ ଏବଂ ପିଙ୍କି ଶର୍ମାଙ୍କ ମିଳିତ ପରିଚାଳନାରେ ଚିରାଚରିତ ଢ଼ଙ୍ଗରେ ଆୟୋଜିତ କାର୍ଯ୍ୟକ୍ରମରେ ଏମସିଏଲର ଅର୍ଥ ବିଭାଗର ମୁଖ୍ୟ ପ୍ରବନ୍ଧକ ଡିକେନ ମେହେରା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଅନ୍ତାକ୍ଷରୀ ଧମାକାର କାର୍ଯ୍ୟକ୍ରମରେ ସମୁଦାୟ ୭ ଗୋଟି ଦଳ ଭାଗ ନେଇଥିଲେ । ଶେଷରେ କୃତୀ ବିବେଚିତ ଦଳକୁ ମୁଖ୍ୟ ଅତିଥି ରାଓ ଏବଂ ସ୍ୱତନ୍ତ୍ର ଅତିଥି ଶ୍ରୀ ପଟେଲ ମାନପତ୍ର, ମୋମେଣ୍ଟୋ ଦେଇ ସମ୍ମାନିତ କରିବା ସହିତ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ଉପହାର ପ୍ରଦାନ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra